ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ଓଡ଼ିଆ ସ୍ନାତକୋତ୍ତର କାର୍ଯ୍ୟକ୍ରମ

ପାଠ୍ୟକ୍ରମ -୧
ପ୍ରାକ୍ ସାରଳା ସାହିତ୍ୟ

ବ୍ଲକ୍

## ୧ ପ୍ରାକ-ସାରଳା ସାହିତ୍ୟର ପୃଷ୍ଠଭୂମି

ଚତୁର୍ଥ ଏକକ

## ଧାର୍ମିକ ପୃଷ୍ଠଭୂମି

## ବିଶେଷଜ୍ଞ ପରିଷଦ


| | |
|---|---|
| **ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ**<br>ଅଧ୍ୟକ୍ଷ | ପ୍ରତିଷ୍ଠାତା ନିର୍ଦ୍ଦେଶକ, କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ, ମହୀଶୁର । |
| **ଡକ୍ଟର (ଶ୍ରୀମତୀ) ସଂଘମିତ୍ରା ମିଶ୍ର**<br>ସଦସ୍ୟା | ଅବସରପ୍ରାପ୍ତ ପ୍ରଫେସର, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର |
| **ଡକ୍ଟର ବିଜୟ କୁମାର ମହାନ୍ତି**<br>ସଦସ୍ୟ | ଅବସରପ୍ରାପ୍ତ ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର । |
| **ଡକ୍ଟର ବସନ୍ତ କୁମାର ପଣ୍ଡା**<br>ସଦସ୍ୟ | ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର । |
| **ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜ୍ୟୋତିବିହାର,ବୁର୍ଲା । |
| **ଡକ୍ଟର ଅନାଦୀ ଚରଣ ଗାଁଣ**<br>ସଦସ୍ୟ | ପ୍ରଫେସର ଓ ବିଭାଗ ମୁଖ୍ୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, କେନ୍ଦୁଝର କ୍ୟାମ୍ପସ, କେନ୍ଦୁଝର । |
| **ଡକ୍ଟର କ୍ଷୀରୋଦ ଚନ୍ଦ୍ର ବେହେରା**<br>ସଦସ୍ୟ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର । |
| **ଡକ୍ଟର ଦିଲ୍ଲୀପ କୁମାର ନାୟକ**<br>ଆବାହକ | ଏସୋସିଏଟ୍ ପ୍ରଫେସର, ଓଡ଼ିଆ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା । |


### ଲେଖକ


**ଡକ୍ଟର ସୁବ୍ରତ କୁମାର ପୃଷ୍ଟି** — ସଦସ୍ୟ ସଚିବ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା, ଭୁବନେଶ୍ୱର


### ସଂପାଦକ


**ଡକ୍ଟର ବାବାଜୀଚରଣ ପଟ୍ଟନାୟକ** — ଅବସରପ୍ରାପ୍ତ ଅଧ୍ୟକ୍ଷ, ସରକାରୀ ସ୍ୱଂୟଶାସିତ ମହାବିଦ୍ୟାଳୟ, ଭବାନୀପାଟଣା



***ପ୍ରକାଶକ***

***ଡକ୍ଟର ମାନସ ରଂଜନ ପୂଜାରୀ***

***କୁଳସଚିବ***

*ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ*



© OSOU, 2019. **Prak Sarala Sahityara prustabhumi** is made available under Creative Commons Attribution-ShareAlike 4.0http : creativecommons.org/licences/by-sa/4.0

# ଚତୁର୍ଥ ଏକକ : ଧାର୍ମିକ ପୃଷ୍ଠଭୂମି

## ବିଷୟ ଗଠନ :

୪.୧ ପଠନର ଉଦ୍ଦେଶ୍ୟ

୪.୨ ଶିକ୍ଷଣୀୟ ବିଷୟ

୪.୩ ବିଷୟ ପ୍ରବେଶ

୪.୩.୧ ଅଭିଲେଖ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

୪.୩.୨ ତାଳପତ୍ର ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

୪.୩.୩ ଚର୍ଯ୍ୟା ବା ବୌଦ୍ଧ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

୪.୩.୪ ନାଥ ବା ଶୈବ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

୪.୩.୫ ସାରଳା ବା ଶାକ୍ତ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

୪.୪ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୪.୫ ସହାୟକ ଗ୍ରନ୍ଥସୂଚୀ

## ୪.୧ ପଠନର ଉଦ୍ଦେଶ୍ୟ

ମଣିଷ ହେଉଛି ଧାର୍ମିକ ମନୋଭାବ ସମ୍ପନ୍ନ ସାମାଜିକ ପ୍ରାଣୀ। ନିତିଦିନିଆ ଜୀବନକୁ ସହଜ ଓ ଶୃଙ୍ଖଳିତ କରିବାପାଇଁ ଧର୍ମ ହେଉଛି ମଣିଷର ମୂଳ ଆଧାର। ଏହି ଧର୍ମ ଆଧିଭୌତିକ ଓ ଆଧ୍ୟାତ୍ମିକତା ଉପରେ ପର୍ଯ୍ୟବସିତ। ଧର୍ମଭିତ୍ତିକ ସମାଜ ଗଠନରେ ଆଧ୍ୟାତ୍ମିକତାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏସବୁ ଦୃଷ୍ଟିରୁ ଦେଖିଲେ ଓଡିଶାର ଧାର୍ମିକ ଚେତନାର ପ୍ରାଣସ୍ପନ୍ଦନ ପ୍ରାଚୀନ ଶିଳାଲେଖ ଓ ତାଳପତ୍ର ସାହିତ୍ୟରୁ ମିଳିଥାଏ। ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିବା ମଗଧ ରାଜା ଅଶୋକଙ୍କ ଅନୁଶୋଚନାପୂର୍ଣ୍ଣ ନିର୍ଦ୍ଦେଶ ତଥା ଜଣେ ପ୍ରକୃତ ସମ୍ରାଟର ପରିଚୟ ବହନ କରିଥିବା କଳିଙ୍ଗରାଜା ଖାରବେଳଙ୍କ ଶିଳାଲେଖଠାରୁ ଆରମ୍ଭ କରି ସାରଳା ସାହିତ୍ୟରେ ତତ୍କାଳୀନ ଓଡିଶାର ଧାର୍ମିକ ମାନସିକତା ସ୍ପଷ୍ଟ ଜଣାପଡେ। ଆଲୋଚ୍ୟ ପ୍ରସଙ୍ଗରେ ଉଭୟ ଶିଳାଲେଖ ଓ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ତାଳପତ୍ରରେ ରଚିତ ସାହିତ୍ୟରେ ସ୍ଥାନୀତ ଧାର୍ମିକ ପୃଷ୍ଠଭୂମି ଏଠାରେ ଉପସ୍ଥାପିତ କରାଯାଇଛି।

## ୪.୨ ଶିକ୍ଷଣୀୟ ବିଷୟ

**ଏହି ଏକକ ଶେଷରେ ଆପଣ ଜାଣିବାକୁ ପାଇବେ :-**

- ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଧର୍ମ ଓ ସାହିତ୍ୟର ସଂପୃକ୍ତି
- ଧାର୍ମିକ ପ୍ରେରଣାରୁ ରଚିତ ସାହିତ୍ୟର ସାହିତ୍ୟିକ ଆବେଦନ
- ଓଡ଼ିଶା ବିଭିନ୍ନ ଧର୍ମଧାରାର ବିକାଶ ଓ ବିବର୍ତ୍ତନ

## ୪.୩ ବିଷୟ ପ୍ରବେଶ

ଯେକୌଣସି ସାମାଜିକ ବ୍ୟବସ୍ଥାରେ ଧର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏଠାରେ ଧର୍ମ କହିଲେ କୌଣସି ଦେବଦେବୀ ପୂଜା- ଉପାସନା ନୁହେଁ, ବରଂ ମାନବ କଲ୍ୟାଣପାଇଁ ଆବଶ୍ୟକୀୟ ନୈତିକତା ମୂଳକ ଚିନ୍ତନକୁ ବୁଝାଏ । ଭାରତୀୟ ସାମାଜିକ ଜୀବନରେ ପ୍ରାଚୀନ କାଳରୁ ଏହି ଉଦ୍ଦେଶ୍ୟରେ ବୌଦ୍ଧ ଓ ଜୈନ ମତବାଦର ସୃଷ୍ଟି ଓ ବିକାଶ ଲାଭ କରି ସମଗ୍ର ମାନବ ଜୀବନକୁ ଆଜି ପର୍ଯ୍ୟନ୍ତ ପ୍ରଭାବିତ କରିପାରିଛି । କେବଳ ଏହି ଉଭୟ ମତବାଦ ନୁହେଁ, ବରଂ ଏହାପରେ ଆହୁରି ବହୁ ମନିଷୀ ମାନବ ସମାଜର କଲ୍ୟାଣପାଇଁ ବହୁ ଉପାଦେୟ ମତବାଦ ପ୍ରଚାର କରିଛନ୍ତି ।  ତେବେ ଏସବୁ ମାନବିକ ମତବାଦର ପ୍ରଚାର ଓ ପ୍ରସାରପାଇଁ ସାହିତ୍ୟ ପାଲଟିଛି ଏକମାତ୍ର ମାଧ୍ୟମ । ତେଣୁ ଧର୍ମ- ମତବାଦ ପ୍ରଚାରର ଅନ୍ତରାଳରେ ଭାରତୀୟ ସାହିତ୍ୟର ଭୂୟୋବିକାଶ ସାଧିତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ସିନ୍ଧୁ ସଭ୍ୟତା ଭଳି ଓଡିଶାର ବିଭିନ୍ନ ନଦନଦୀ କୂଳରେ ଗଢି ଉଠିଥିବା ପ୍ରାଚୀନ ସଭ୍ୟତା ହିଁ ପ୍ରମାଣ କରେ ଓଡିଶା ଭୂଖଣ୍ଡରେ ଆଦିମ କାଳରୁ କୌଣସି ନା କୌଣସି ଧାର୍ମିକ ବାତାବରଣ ପ୍ରଚ୍ଛନ୍ନ ଭାବରେ ମାନବ ସମାଜକୁ କବଳିତ କରି ରଖିଥିଲା । ପ୍ରକୃତି କୋଳରେ ମଣିଷ ସଭ୍ୟତା ସୃଷ୍ଟି ଓ ପୁଷ୍ଟି ଲାଭ କରି ଥିବାରୁ ପ୍ରକୃତି ଉପାସନା ଥିଲା ଆଦି ମାନବର ପ୍ରଥମ ଉପାସନା ବିନ୍ଦୁ । ପରେ ଜୀବନ ଓ ଜଗତ ସହିତ ଧିରେଧିରେ ପରିଚିତ ହେବା ପରେ ଶକ୍ତି ଓ ଶିବ (ସର୍ଜନାପାଇଁ ନାରୀ ଓ ପୁରୁଷ)କୁ ଉପାସନା କରିବା ପଦ୍ଧତି ପ୍ରଚଳନ ହେଲା । ପରେ କୃଷି ସଭ୍ୟତାର ଉଦ୍ଭବ ହେବାରୁ ଜଳପାଇଁ ଇନ୍ଦ୍ର ଉପାସନା କରାଗଲା । ଏହାପରେ ଆରମ୍ଭ ହୋଇଗଲା ଶସ୍ୟ ଉତ୍ପାଦନ, ସଂରକ୍ଷଣ ଓ ସୁରକ୍ଷାପାଇଁ ବିଭିନ୍ନ ଦେବଦେବୀ ଉପାସନା, ନିଜର ରୋଗ ଦୂରପାଇଁ ଉପାସନା, ନିଜର ସୁରକ୍ଷାପାଇଁ ଉପାସନା – ଏହିପରି ଭାବରେ ମାନବ ଜୀବନର ଆବଶ୍ୟକତା ଅନୁସାରେ ବିଭିନ୍ନ ଉପାସନାର ଧାରା ଓ ପଦ୍ଧତି ସୃଷ୍ଟି ହେବାରେ ଲାଗିଲା । ଉପାସନାର ମୌଳିକ ଦିଗ ଧ୍ୟାନ ଓ ଧାରଣା ପରେ ସ୍ତୁତିଗାନ କରିବାର ପରମ୍ପରା ମଧ୍ୟ ଆରମ୍ଭ ହେଲା । ଏହି ସ୍ତୁତି ମୂଳକ ଉପାସନା ହିଁ ବୈଦିକ ସାହିତ୍ୟକୁ ଜନ୍ମ ଦେଲା, ଯାହାର ରୂପ ଥିଲା ଅଲିଖିତ । କ୍ରମେ ମଣିଷର ଚିନ୍ତାଚେତନା ସହିତ ସାହିତ୍ୟର ରୂପ ଓ ସଂଜ୍ଞା

ବଦଳିବାରେ ଲାଗିଲା । ଦେବଦେବୀ ଉପାସନା ସହିତ ମଣିଷର ନୈତିକତା ଓ ଚରିତ୍ରବତ୍ତା ଉପରେ ସାହିତ୍ୟ ଗୁରୁତ୍ୱ ଦେଲା । ଧୀରେଧୀରେ ସମୟ ସହିତ ତାଳ ଦେଇ ଏହା ଧାର୍ମିକ ବାତାବରଣ ମଧ୍ୟରୁ ଖସି ମଣିଷର ନିତ୍ୟ ନୈମିତିକ କାର୍ଯ୍ୟକୁଶଳତା ଓ ଜୀବନଧାରଣ ମାନ ଉପରେ ନିଜକୁ କେନ୍ଦ୍ରିଭୂତ କଲା । ଫଳରେ ସାହିତ୍ୟ ହୋଇଗଲା ମାନବବାଦୀ । ଦେବ ଉପାସନାରୁ ମାନବ ଜୀବନର ନିତିଦିନିଆ କାହାଣୀ ବର୍ଣ୍ଣନା ପାଲଟିଗଲା ସାହିତ୍ୟର ବିଷୟବସ୍ତୁ । ଏହା ସତ୍ତ୍ୱେ ସାହିତ୍ୟ ମଧ୍ୟରେ ଦେବ ଉପାସନାର ମୌଳିକ ଭିତ୍ତି ଧାର୍ମିକ ମତବାଦ ପ୍ରଚ୍ଛନ୍ନ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ଲାଗିଲା ।

ଏହି ପରିପ୍ରେକ୍ଷୀରେ ଓଡିଆ ସାହିତ୍ୟର ସ୍ଥିତି ବିଷୟରେ ଆଲୋଚନା କଲେ ଓଡିଆ ସାହିତ୍ୟର ବିକାଶ ପର୍ବରେ ଧର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଓଡିଆ ସାହିତ୍ୟର ଆଦ୍ୟପର୍ବ ଭାବରେ ପରିଗଣିତ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ରଚିତ ଓଡିଆ ସାହିତ୍ୟ ସର୍ଜନାରେ ଧାର୍ମିକ ମତବାଦର ଯଥେଷ୍ଟ ଭୂମିକା ରହିଛି । ବିଶେଷକରି ଓଡିଆ ସାହିତ୍ୟର ରୂପ ଓ ଭିତ୍ତି ପରିବର୍ତ୍ତନରେ ଓଡିଶାରେ ପ୍ରଚଳିତ ବିଭିନ୍ନ ଧର୍ମଧାରା ଯଥା- ଜୈନ, ବୌଦ୍ଧ, ନାଥ, ଶାକ୍ତ, ବୈଷ୍ଣବ ଆଦି ଧର୍ମର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଦେଖିବାକୁ ମିଳେ । ଆଲୋଚନା ପ୍ରସଙ୍ଗକ୍ରମେ ଏସବୁର ସଂକ୍ଷିପ୍ତ ଅନୁଶୀଳନ ନିମ୍ନରେ ପ୍ରଦାନ କରାଗଲା ।

## ୪.୩.୧ ଅଭିଲେଖ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

ଓଡିଆ ସାହିତ୍ୟର ପ୍ରାଚୀନ ସ୍ୱରୂପ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରେ ଦେଖିବାକୁ ମିଳେ । କାବ୍ୟ ଶୈଳୀରେ ଲିଖିତ ଏହି ଶିଳାଲେଖର ଆରମ୍ଭରେ ଲିଖିତ – ନମୋ ଅରାହଂତାନଂ । ନମୋ ସବସିଧାନଂ (ଅର୍ହତମାନଙ୍କୁ ନମସ୍କାର । ସମସ୍ତ ସିଦ୍ଧଙ୍କୁ ନମସ୍କାର) ସୂଚୀତ କରାଏ ତତ୍କାଳୀନ ଧାର୍ମିକ ଚିନ୍ତାଧାରାକୁ । ସେହି ସମୟର ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥାରେ ଥିବା ଧର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ ପ୍ରମାଣିତ କରେ ଶିଳାଲେଖ ଆରମ୍ଭର ଏହି ପ୍ରଥମ ଧାଡି । ସେହିପରି ଶାସନର ଦ୍ୱାଦଶ ବର୍ଷରେ ଖାରବେଳ ମଗଧ ଆକ୍ରମଣ କରି କଳିଙ୍ଗ ଜିନ ମୂର୍ତ୍ତୀ ଉଦ୍ଧାର କରିବା ପ୍ରମାଣ କରେ ତତ୍କାଳୀନ କଳିଙ୍ଗ ମାଟିରେ ଜୈନ ଧର୍ମର ଗଭୀର ପ୍ରଭାବ ପଡିଥିଲା । ବୋଧହୁଏ ସେଇଥିପାଇଁ କଳିଙ୍ଗ ଯୁଦ୍ଧର ପ୍ରତିଶୋଧ ନେବା ସହିତ ମଗଧଦ୍ୱାରା ଅପହୃତ ଜିନ ମୂର୍ତ୍ତୀକୁ ସସମ୍ମାନେ ଫେରାଇ ଆଣିବାକୁ ଖାରବେଳ ଏକ ଗୌରବମୟ କାର୍ଯ୍ୟ ଭାବରେ ଗ୍ରହଣ କରି ନିଜ ୧୩ବର୍ଷର ଶାସନକାଳ ମଧ୍ୟରେ ଏହା ଏକ ସଫଳ କୃତି ବୋଲି ବିବେଚନା କରିଥିଲେ ।

ଇତିହାସ କହେ ଖଣ୍ଡଗିରିର କୁମାର ପର୍ବତରେ ଜୈନ ଧର୍ମସଭା ଆୟୋଜନ କରିଥିଲେ । କଳା ଓ ଭାସ୍କର୍ଯ୍ୟର ପ୍ରତୀକ ଉଦୟଗିରିର କୁମାରୀ ପର୍ବତକୁ କାଟି ପ୍ରସ୍ତୁତ ହୋଇଥିବା ରାଣୀଗୁମ୍ଫା ସମ୍ମୁଖସ୍ଥ ମଞ୍ଚପୁରୀ ଥିଲା ବିଭିନ୍ନ ଧାର୍ମିକ ସମ୍ପ୍ରଦାୟର ଆଲୋଚନା କେନ୍ଦ୍ର । ସେଥିପାଇଁ ଶିଳାଲେଖର ୧୪ରୁ ୧୭ ଧାଡି ମଧ୍ୟରେ ତେରଶ ବର୍ଷରେ ସ୍ୱପ୍ରବର୍ତ୍ତୀତ ବିଜୟଚକ୍ର କୁମାରୀପର୍ବତରେ ଜପୋଦ୍ୟାପକ, ରାଜବୃତ୍ତିଭୋଗୀ, ଝିନ ବସ୍ତ୍ରଧାରୀ, ବର୍ଷାବାସୀ

ଅର୍ହତଙ୍କର ଶରୀର ବିଶ୍ରାମ ନିମନ୍ତେ ପୂଜାନୁରକ୍ତ ଶ୍ରୀ ଖାରବେଳ ଜୀବଦେହଙ୍କପାଇଁ (ଆଶ୍ରୟସ୍ଥଳୀ) କରିଥିଲେ । ଶ୍ରମଣ ସୁବିଧାପାଇଁ ଏବଂ ସବୁଦିଗରୁ ଆସୁଥିବା ଯତି, ତାପସ, ଋଷି ଓ ସଂଘାୟନ ଅର୍ହତଙ୍କ ଆଶ୍ରୟସ୍ଥଳୀ ନିକଟରେ ତଥା ସମ୍ମୁଖଭାଗରେ ଅନେକ ଯୋଜନ ଦୂରରୁ ଆନୀତ ଶୀଳାଖଣ୍ଡ ସିଂହପଥ ରାଣୀଙ୍କ ଅନୁରୋଧରେ ପାଟଳବର୍ଣ୍ଣରେ ଚଟାଣ ଉପରେ ବୈଦୁର୍ଯ୍ୟଖଚିତ ସ୍ତମ୍ଭମାନ ପ୍ରତିଷ୍ଠା କରିଥିଲେ। ପଞ୍ଚତ୍ରିଂଶତ ସହସ୍ରରେନ୍ତ ମୌର୍ଯ୍ୟକାଳରେ ବିଚ୍ଛିନ୍ନ ହୋଇଥିବା ଚଉଷଠି କଳାଯୁକ୍ତ ତୌର୍ଯ୍ୟତ୍ରିକର ଉନ୍ନୟନ କରିଥିଲେ। କ୍ଷମରାଜ, ବର୍ଦ୍ଧରାଜ (ଦାନଶୀଳ) ଭିକ୍ଷୁରାଜ ଧର୍ମରାଜ ଦେଖିଶୁଣି ଅନୁଭବକରି କଲ୍ୟାଣକର ଗୁଣ ବିଶେଷ କୁଶଳ ସବୁ ଧର୍ମର ପୂଜକ ସବୁ ଦେବାୟତନର ସଂସ୍କାରକାରକ ଅପ୍ରତିହତ ଚକ୍ରବାହନ ବଳଚକ୍ରଧର ଗୁପ୍ତଚକ୍ର ପର୍ବତଚକ୍ର ରାଜର୍ଷି ବସୁକୂଳ ଉତ୍ତରାଧିକାରୀ ମହାବିଜୟୀ ରାଜା ଖାରବେଳଶ୍ରୀ ଧର୍ମର ସୁରକ୍ଷାପାଇଁ ତତ୍ପର ଥିଲେ। ତାଙ୍କର ପ୍ରତ୍ୟେକ କାର୍ଯ୍ୟ ଧର୍ମାନୁମୋଦିତ ଥିଲା। ଅର୍ହତ, ଶ୍ରମଣ ଓ ଆଚାର୍ଯ୍ୟମାନଙ୍କୁ ନମସ୍କାର କରି ସେ ତାଙ୍କ ଶିଳାଲେଖ ଖୋଦନ ଆରମ୍ଭ କରିବା ହିଁ ସୂଚାଇଥାଏ। ଖାରବେଳ ତଥା ଓଡ଼ିଆ ସଂସ୍କୃତିର ରକ୍ଷା କରିଥିଲେ। ଦେଶ ଓ ବିଦେଶର ଅର୍ହତ, ଶ୍ରମଣ, ସିଦ୍ଧ, ମୁନି, ସନ୍ନ୍ୟାସୀ ଓ ଯତିମାନଙ୍କୁ ସେମାନଙ୍କ ଧର୍ମ ସାଧନାରେ ସୁବିଧା ସୁଯୋଗ ଦେବାପାଇଁ ସେ ମଣିମୁକ୍ତା ବୈଦୂର୍ଯ୍ୟଖଚିତ ବହୁ ଗୁମ୍ଫା ନିର୍ମାଣ କରିଥିଲେ।

## ୪.୩.୨ ତାଳପତ୍ର ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

ଶିଳାଲେଖ ସାହିତ୍ୟର ପରବର୍ତ୍ତୀ ସାହିତ୍ୟ ହେଉଛି ତାଳପତ୍ର ସାହିତ୍ୟ। ଏପର୍ଯ୍ୟନ୍ତ ଆବିଷ୍କୃତ ତାଳପତ୍ର ସାହିତ୍ୟର ପ୍ରାଚୀନ ରୂପ ଦେଖିବାକୁ ମିଳେ ଚର୍ଯ୍ୟାପଦଗୁଡିକରେ, ଯାହା ବୌଦ୍ଧ ଆଚାର୍ଯ୍ୟଙ୍କଦ୍ୱାରା ରଚିତ। ତେବେ ଏହି ସାହିତ୍ୟ ରଚନା ପଛରେ ଅନ୍ୟାନ୍ୟ କାରଣ ଭଳି ଧାର୍ମିକ କାରଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ଏହି ସମୟ ବେଳକୁ ସମଗ୍ର ଭାରତରେ ଧାର୍ମିକ ସମ୍ପ୍ରଦାୟ ମଧ୍ୟରେ ଦେଖାଦେଇଥିବା ବିଭେଦ ଚରମ ସୀମାରେ ପହଞ୍ଚି ସାରିଥିବାବେଳେ ଓଡିଶାରେ କିନ୍ତୁ  ଭୌମଯୁଗରେ ତାନ୍ତ୍ରିକ ବୌଦ୍ଧଧର୍ମ, ପାଶୁପାତ ଲକୁଳୀଶ ମତବାଦ ଏବଂ ମତ୍ତମୟୂର ସଂପ୍ରଦାୟକୁ ନେଇ ଏକ ମିଶ୍ରିତ ଧର୍ମନୀତି ସ୍ଥାପନ କରିବାପାଇଁ ଉଦ୍ୟମ କରାଯାଇଥିଲା।  ଭୌମକରବଂଶୀ ରାଣୀଗଣ ଶୈବ ଉପାସନା ଉପରେ ଗୁରୁତ୍ୱ ଦେଉଥିବାରୁ ଏହି ମିଶ୍ରିତ ଧର୍ମନୀତିର ଆବଶ୍ୟକତା ଦେଖାଦେଲା। ଫଳରେ ଶୈବଧର୍ମକୁ ବଜ୍ରଯାନ ଓ ତାନ୍ତ୍ରିକ ବୌଦ୍ଧଧର୍ମର ରୂପାନ୍ତର ଭାବରେ ସ୍ୱୀକାର କରାଯାଇ ମହାଯାନୀ ବୌଦ୍ଧଧର୍ମର ଧାରଣୀ ମନ୍ତ୍ର **ଯେ ଧର୍ମା ହେତୁ ପ୍ରଭବାଃ** ଶିବମନ୍ଦିର ଗାତ୍ରରେ ଉତ୍କୀର୍ଣ୍ଣ କରାଗଲା।

ଏହି ସମୟରେ ଧର୍ମ ଉପାସନାପାଇଁ ଧର୍ମପୀଠ ବା ମନ୍ଦିର ଓ ବିହାର ନିର୍ମାଣ ଏବଂ ଏହାର ପ୍ରଚାର ପ୍ରସାରପାଇଁ ସାହିତ୍ୟ ରଚନାକୁ ଗୁରୁତ୍ୱ ଦିଆଗଲା। ସଂକ୍ଷେପରେ କହିବାକୁ ଗଲେ ଉତ୍କଳୀୟ ପୁଣ୍ୟ ମାଟିର ଏହି ମହାର୍ଘ୍ୟ ସାଂସ୍କୃତିକ ଭିତ୍ତିଭୂମି ଉପରେ ଠିଆ ହୋଇଥିଲା ଦୁଇଟି ଦୁଇ ଯୁଗାନ୍ତକାରୀ ଅକ୍ଷୟ କିର୍ତ୍ତୀ। ଗୋଟିଏ

ନିହାଣ ମୁନରେ ପଥର ଦେହରେ ସୂକ୍ଷ୍ମ କାରୁକାର୍ଯ୍ୟ ଖଚିତ ଉତ୍କଳୀୟ ଭାସ୍କର୍ଯ୍ୟ ଓ ଅନ୍ୟଟି ଲେଖନୀ ମୁନରେ ତାଳପତ୍ର ଉପରେ ରଚିତ ସୁମଧୁର ସଂଗୀତ ମୂର୍ଚ୍ଛନା ମାଧ୍ୟମରେ ଜୀବନତତ୍ତ୍ୱ ବିଶିଷ୍ଟ ଓଡିଆ ସାହିତ୍ୟ ସମ୍ଭାର। ବୌଦ୍ଧଚର୍ଯ୍ୟାକବିଙ୍କଦ୍ୱାରା ରଚିତ ଚର୍ଯ୍ୟାକବିତାଗୁଡିକ ଏହାର ଦୃଷ୍ଟାନ୍ତମାତ୍ର। କେବଳ ବୌଦ୍ଧ ସାହିତ୍ୟ ନୁହେଁ, ଏହାପରବର୍ତ୍ତୀ ଶୈବ ବା ନାଥସାହିତ୍ୟ, ଶାକ୍ତ ବା ସାରଳା ସାହିତ୍ୟ ମଧ୍ୟ ତାଳପତ୍ରରେ ରଚିତ ହୋଇ ଓଡିଶାର ସର୍ବଧର୍ମ ସମନ୍ୱୟର ଭୂମି ଭାବରେ ନିଜର ସ୍ଥିତି ସୁଦୃଢ କରିଥିଲା।

## ୪.୩.୩ ଚର୍ଯ୍ୟା ବା ବୌଦ୍ଧ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

ଧର୍ମ ଓ ସାହିତ୍ୟ ପରସ୍ପର ପ୍ରତି ନିର୍ଭରଶୀଳ। ଧର୍ମର ବହୁଳ ପ୍ରଚାର ଓ ପ୍ରସାରପାଇଁ ଲୋକ ବୁଝିବାଭଳି ଢଙ୍ଗରେ ସାହିତ୍ୟ ରଚନା ପ୍ରତ୍ୟେକ ଧାର୍ମିକ ମତବାଦର ମୂଳଲକ୍ଷ୍ୟ ଥିବାବେଳେ, ଧର୍ମ ମାଧ୍ୟମରେ ନିଜର କଳେବର, ବିଷୟବସ୍ତୁ, ଲେଖକୀୟ ଶୈଳୀ, ଭାଷା ଆଦିରେ ପରିବର୍ତ୍ତନ ଆଣି ସାହିତ୍ୟ ନିଜର ଗତିକୁ ଚଳଚଞ୍ଚଳ କରିଥାଏ। ଫଳରେ ଭାଷା ସମୃଦ୍ଧ ଓ ସ୍ଥାୟୀ ହୁଏ। ତେଣୁ ଗୋଟିଏ ଜାତିର ଭାଷା ଓ ସାହିତ୍ୟ ସମୃଦ୍ଧିପାଇଁ ଧର୍ମର କିଛି ଭୂମିକା ରହିଛି। କିନ୍ତୁ ଏହି ଧର୍ମ ଅନ୍ୟ କେଉଁଠୁ ଆମଦାନୀ ହୋଇ ଆସିବା ଅପେକ୍ଷା ସେହି ଜାତିର ମାଟି ଉପରେ ସୃଷ୍ଟି, ବିକାଶ କିମ୍ବା ପରିବର୍ଦ୍ଧିତ ହୋଇଥିବା ଆବଶ୍ୟକ। ଏହି ଦୃଷ୍ଟିକୋଣରୁ ଓଡ଼ିଶା ମଧ୍ୟ ପଛରେ ପଡ଼ିନାହିଁ। ଧାର୍ମିକ କ୍ଷେତ୍ରରେ ଓଡ଼ିଶାର ସର୍ବପ୍ରଥମ ଗୌରବାବହ ପରିଚୟ ହେଉଛି କଳିଙ୍ଗବାସୀଙ୍କ ପୂର୍ଣ୍ଣ ସହଯୋଗରେ ଲୁପ୍ତପ୍ରାୟ ବୌଦ୍ଧଧର୍ମ କଳିଙ୍ଗଯୁଦ୍ଧ ପରେ ସମଗ୍ର ଭାରତ ସମେତ ଦକ୍ଷିଣ-ପୂର୍ବ-ଉତ୍ତର ଏସିଆରେ ପୁନଃସ୍ଥାପିତ ହେବା। ଏହାପରେ ଜୈନ, ବ୍ରାହ୍ମଣ୍ୟ, ଗାଣପତ୍ୟ, ଶାକ୍ତ, ଶୈବଧର୍ମର ପ୍ରଚାର ଏବଂ ପ୍ରସାରକ୍ଷେତ୍ର ଏହି ମାଟି ପାଲଟି ଯାଇଥିଲେ ମଧ୍ୟ ସପ୍ତମ ଶତାବ୍ଦୀ ବେଳକୁ ଲୋପ ପାଇବାକୁ ଯାଉଥିବା ବୌଦ୍ଧଧର୍ମକୁ ଜୀବନ୍ୟାସ ଦେବା ଉଦ୍ଦେଶ୍ୟରେ ସମ୍ଭଳକ ବା ସମ୍ବଲପୁରର ରାଜା ଇନ୍ଦ୍ରଭୂତି ଆଗେଇ ଆସିଲେ। ସେ ନିଜର ପ୍ରତିଭା ବଳରେ ତାନ୍ତ୍ରିକ ପଦ୍ଧତିଦ୍ୱାରା କଳୁଷିତ ମହାଯାନ ପନ୍ଥାରେ ସଂସ୍କାର ଆଣି ପଞ୍ଚଧ୍ୟାନୀ ବୁଦ୍ଧ ସାଧନା ପ୍ରଚଳନ କରିବା ଫଳରେ ବଜ୍ରଯାନ ନାମକ ଏକ ଅଭିନବ ବୁଦ୍ଧ ପରିବାରର ଅଭ୍ୟୁଦୟ ବୌଦ୍ଧଧର୍ମରେ ଘଟିଲା।

ବୌଦ୍ଧତନ୍ତ୍ରଯାନ ଭାବେ ପରିଚିତ ବଜ୍ରଯାନ ଇନ୍ଦ୍ରଭୂତିଙ୍କଦ୍ୱାରା ଆସାମ, ନେପାଳ, ତିବ୍ବତ, ଚୀନ୍ ପ୍ରଭୃତି ଦେଶରେ ଲୋକପ୍ରିୟ ହେଲା । ଇନ୍ଦ୍ରଭୂତି ନିଜ ଭଉଣୀ ଲକ୍ଷ୍ମୀଙ୍କରାଙ୍କୁ ଏହି ଧର୍ମରେ ଦୀକ୍ଷିତ କରିଥିଲେ । ଜଣେ ନାରୀ ହୋଇ ମଧ୍ୟ ଭଗବତୀ ଲକ୍ଷ୍ମୀଙ୍କରା ବଜ୍ରଯାନରେ ସିଦ୍ଧିଲାଭ କରିବା ପରେ ବଜ୍ରଯାନର ଆଦର୍ଶ ତ୍ୟାଗକରି କାୟା ସାଧନ ବା ଦେହପୂଜା ଉପରେ ଗୁରୁତ୍ୱ ଦେଇଥିଲେ ଓ ସହଜଯାନ ନାମକ ନୂତନ ଧର୍ମତତ୍ତ୍ୱ ପ୍ରଚାର କରିଥିଲେ । ତାଙ୍କ ରଚିତ ଅଦ୍ୱୟସିଦ୍ଧି ଗ୍ରନ୍ଥରେ ଏହି ସହଜଯାନ ଧର୍ମତତ୍ତ୍ୱ ନିହିତ ରହିଛି । ତାଙ୍କ ମତରେ-

ନ କଷ୍ଟକଳ୍ପନାଂ କୁର୍ଯ୍ୟାତ୍ ନୋପବାସୋ ନ ଚ କ୍ରିୟାମ୍ ।<br>
ସ୍ନାନଂ ଶୌଚଂ ନ ଚୈବାତ୍ର ଗ୍ରାମଧର୍ମ ବିବର୍ଜନମ୍ ।।<br>
ନ ଚାପି ବନ୍ଦୟେଦ୍ଦେବାନ୍ କାଷ୍ଠପାଷାଣ ମୃଣ୍ମୟାନ୍ ।<br>
ପୂଜାମସୈବ କାୟସ୍ୟ କୁର୍ଯ୍ୟାନ୍ନିତ୍ୟଂ ସମାହିତଃ । (ଅଦ୍ୱୟସିଦ୍ଧି)

ଅର୍ଥାତ୍– ଜପତପ ପୂଜାଧ୍ୟାନ ପ୍ରଭୃତିର ଆବଶ୍ୟକ ନାହିଁ । ସ୍ନାନ, ଶୌଚ ପ୍ରଭୃତି କୌଣସି ବିଧିବ୍ୟବସ୍ଥା ଅବଲମ୍ବନ କରିବାର ପ୍ରୟୋଜନ ନାହିଁ । କାଠ ବା ପଥରର ଗଢ଼ା ଠାକୁର ବା ମୂର୍ତ୍ତି ପୂଜା ବନ୍ଦନା କରିବ ନାହିଁ । ଏହି ପିଣ୍ଡ ହିଁ ବ୍ରହ୍ମାଣ୍ଡ, ସେଠାରେ ସବୁ ଦେବଦେବୀ ରହିଛନ୍ତି । ତେଣୁ ତାକୁ ମନପ୍ରାଣ ଦେଇ ନିଜ ଦେହରେ ଦେବତାର ଉପାସନା କର ।

ଲକ୍ଷ୍ମୀଙ୍କରାଙ୍କ ମତରେ ଜପ, ତପ, ପୂଜା, ଧ୍ୟାନ ବଦଳରେ ମଣିଷ ଜନ୍ମ ସମୟରୁ ଥିବା ଗୁଣ ଓ ପ୍ରବୃତ୍ତିକୁ ଦମନ ନ କରି ତାର ଅଭିବୃଦ୍ଧି ଓ ସମ୍ଭୋଗରେ ହିଁ ସିଦ୍ଧିଲାଭ କରିପାରିବ । ଏହା ସିଦ୍ଧିଲାଭର ସହଜ ମାର୍ଗ ହୋଇଥିବାରୁ ଏହାକୁ ସହଜଯାନ କୁହାଯାଏ। ବିଖ୍ୟାତ ପଣ୍ଡିତ ତଥା ବିଜ୍ଞାନବାଦର ପ୍ରବକ୍ତା ନାଗାର୍ଜ୍ଜୁନଙ୍କ ଶୂନ୍ୟବାଦ ତତ୍ତ୍ୱକୁ ପରବର୍ତ୍ତୀ ସମୟରେ ସହଜଯାନୀ ସିଦ୍ଧାଚାର୍ଯ୍ୟଗଣ ସହଜ ନାମରେ ନାମିତ କଲେ। ନାଗାର୍ଜ୍ଜୁନଙ୍କ ମତରେ " ତାହାକୁ ଶୂନ୍ୟ କହି ହେବନାହିଁ, ଅଶୂନ୍ୟ ମଧ୍ୟ କହିହେବନାହିଁ ବା ଉଭୟ ଶୂନ୍ୟାଶୂନ୍ୟ କହିହେବନାହିଁ। ତେଣୁ ଶୂନ୍ୟ ଅବସ୍ଥା ହେଉଛି ଏକ ନିର୍ବିକଳ୍ପ ଅବସ୍ଥା।" ବ୍ରହ୍ମଙ୍କ ସ୍ୱରୂପ ଅନିର୍ଣ୍ଣୀତ ଓ ନିର୍ବିକଳ୍ପ, ଠିକ ସେହିଭଳି ସହଜକୁ କେହି ବ୍ୟାଖ୍ୟା କରିପାରିବେନି କିମ୍ବା ପ୍ରକାଶ କରିପାରିବେନି। ଏହା କେବଳ ସାଧକ ଗୁରୁଙ୍କ ପାଦକୁ ଆଶ୍ରୟ କଲେ ଅନୁଭବ କରିହେବ। ତନ୍ତ୍ରଗ୍ରନ୍ଥ ଗୁହ୍ୟସିଦ୍ଧି, କ୍ରିୟା ସଂଗ୍ରହନାମ ପଞ୍ଜିକା, ସରହପାଦଙ୍କ ଦୋହାକୋଷ ଆଦିରେ ଏହିପରି ଭାବରେ ସହଜର ସରଳ ବ୍ୟାଖ୍ୟା କରାଯାଇଛି।

**ଚର୍ଯ୍ୟା ସାହିତ୍ୟ ଓ ଶୂନ୍ୟବାଦ :**

ଋକବେଦର ୧୦ମ ମଣ୍ଡଳର ନାସଦୀୟ ସୂକ୍ତରେ ଶୂନ୍ୟବାଦର ପ୍ରଥମ ଉଲ୍ଲେଖ ରହିଛି।ଓଡିଶାରେ ମହାଯାନୀ ଶୂନ୍ୟବାଦର ଆଦି ସ୍ଥାନ ପୁଷ୍ପଗିରି। ନାଗାର୍ଜ୍ଜୁନ, ଅସଙ୍ଗ, ବସୁବନ୍ଧୁ, ଆର୍ଯ୍ୟଦେବ ହେଉଛନ୍ତି ଶୂନ୍ୟବାଦର ପ୍ରବକ୍ତା। ନାଗାର୍ଜ୍ଜୁନ ହୀନଯାନ ତଥା ଅନ୍ୟାନ୍ୟ ମତବାଦ ଖଣ୍ଡନ କରି ଶୂନ୍ୟବାଦର ଦୃଢଭିତ୍ତି ସ୍ଥାପନ କରିଥିଲେ। ମାଧମିକ ଶାସ୍ତ୍ରରେ ସେ ଉଲ୍ଲେଖ କରିଛନ୍ତି-

**ଅପ୍ରତୀତ୍ୟ ସମୁତ୍ପନ୍ନେ ଧର୍ମଃ କଶ୍ଚିନ୍ନ ବିଦ୍ୟତେ॥**
**ଯସ୍ମାଭସ୍ମାଦ ମୂନ୍ୟୋହି ଧର୍ମଃ କଶ୍ଚିନ୍ନ ବିଦ୍ୟତେ॥**

ଅର୍ଥାତ ସମସ୍ତ ପଦାର୍ଥ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ ସମ୍ବନ୍ଧ ଥିଲେ ମଧ୍ୟ ସମସ୍ତ ପଦାର୍ଥ ଅନିତ୍ୟ ବା ଶୂନ୍ୟ। ଯଥା ବସ୍ତ୍ରରୁ ତୁଳା ଓ ତୁଳା ମଧ୍ୟ କାରଣରୁ ଉତ୍ପନ୍ନ। ଚର୍ଯ୍ୟାକବିଙ୍କ ମତରେ ତୁଳା ଧୂଣି ଧୂଣି ଆଂସୁରେ ଆଂସୁ। ଆଇସୁ ଧୁଣୁଧୁଣୁ ନିରବର ସେସୁ। ଶୂନ୍ୟବାଦୀଙ୍କ ମତରେ ପ୍ରତ୍ୟେକ ପଦାର୍ଥର ବ୍ରହ୍ମ ରହିଛି। ତାନ୍ତ୍ରିକ ମତାନୁସାରେ ବ୍ରହ୍ମରନ୍ଧ୍ରର ସ୍ଥାନ ମସ୍ତିଷ୍କ। ବ୍ରହ୍ମରନ୍ଧ୍ରରେ ଚୈତନ୍ୟବ୍ରହ୍ମ ବା ଶୂନ୍ୟ ରହିଛି। ସହଜଯାନରେ ଶୂନ୍ୟ ୪ଭାଗରେ ବିଭକ୍ତ। ଶୂନ୍ୟ, ଅତିଶୂନ୍ୟ, ମହାଶୂନ୍ୟ ଓ ପ୍ରଭାସ୍ୱର ଶୂନ୍ୟ। ବୈଦ୍ୟୁତିକ ଶକ୍ତି ଭଳି ପ୍ରାଣଶକ୍ତିରେ ପ୍ରଧାନ ପ୍ରବାହ ରହିଛି। ମେରୁଦଣ୍ଡ ମଝିରେ ଥିବା ସୁଷୁମ୍ନା ନାଡି ଏହି ପ୍ରାଣଶକ୍ତିର ମୁଖ୍ୟ ପ୍ରବାହିକା।

ମଣିଷ ଶରୀରରେ ୭୨ ହଜାର ନାଡୀ ଅଛି ବୋଲି ହଂସଦୀପିକାରେ ଉଲ୍ଲେଖ ଅଛି। ମଣିଷ ଶରୀରରେ ଥିବା ନାଡୀ ମଧ୍ୟରୁ ଏକମାତ୍ର ଶକ୍ତିଶାଳୀ ନାଡି ସୁଷମ୍ନା ବୋଲି ସପ୍ତାଙ୍ଗ ଯୋଗରେ କୁହାଯାଇଛି। ଏହା ଗୁହ୍ୟଦ୍ୱାରଠାରୁ ମେରୁଦଣ୍ଡ ପର୍ଯ୍ୟନ୍ତ ବ୍ୟାପ୍ତ। ଶ୍ୱାସପ୍ରକ୍ରିୟାରେ ୨ଟି ନାଡିର ବ୍ୟବହାର ଅଛି, ଯାହା ସୁଷମ୍ନା ନାଡିର ୨ପାର୍ଶ୍ୱ ଦେଇ ଗତିଶୀଳ। ଡାହାଣ ନାସାପୁଡାର ଯେଉଁ ନାଡିରେ ଶ୍ୱାସ ପ୍ରଶ୍ୱାସ ପ୍ରବାହିତ ହୁଏ, ତାହାକୁ ଇଡା / ଇଓଁଳା ଏବଂ ବାମ ନାସାପୁଡାର ନାଡି ଦେଇ ଶ୍ୱାସପ୍ରଶ୍ୱାସ ଗତି କଲେ ତାହାକୁ ପିଙ୍ଗଳା / ପିଅଁଳା କୁହନ୍ତି। ଇଡା ଓ ପିଙ୍ଗଳା ମୂଳାଧାରଠାରୁ ବାହାରି ଲଲାଟ ମଧ୍ୟରେ ଆଜ୍ଞାଚକ୍ରରେ ସୁଷୁମ୍ନା ସହିତ ମିଳିତ ହୋଇଛି। ସୁଷୁମ୍ନା ବା ସୁସୁମ୍ନା ନାଡି ଭିତରେ ବଜା, ଚିତ୍ରିଣୀ ଓ ବ୍ରହ୍ମ ନାମକ ୩ଟି ସୂକ୍ଷ୍ମ ନାଡି ରହିଛି। ତନ୍ମଧ୍ୟରୁ ବ୍ରହ୍ମନାଡି ଶ୍ରେଷ୍ଠ। ପ୍ରାଣଶକ୍ତି ପ୍ରଥମେ ସୁଷୁମ୍ନାରେ ପ୍ରବାହିତ ହୋଇ ପରେ ଇଡା ଓ ପିଙ୍ଗଳାଦ୍ୱାରା ପ୍ରବାହିତ ହୁଏ। ପ୍ରାଣଶକ୍ତି ସହିତ ଜ୍ଞାନ ଯେତେବେଳେ ଇଡା ଓ ପିଙ୍ଗଳା ଦେଇ ଗତିକରେ, ସେତେବେଳେ ମଣିଷର ମନ ବଳ, ବହିର୍ମୁଖୀ ଓ ଅହମିକା ପୂର୍ଣ୍ଣ ହୋଇ ଅହଂକାର ଜାତ ହୁଏ। ପ୍ରାଣ ପ୍ରବାହ ସୁଷମ୍ନା ମଧ୍ୟ ଦେଇ ଗତି କଲାବେଳେ ମଣିଷ ଦିବ୍ୟଜ୍ଞାନ ପ୍ରାପ୍ତ ହୁଏ ତଥା ମନ ସ୍ଥିର ରହେ। ବୌଦ୍ଧ ବଜ୍ରଯାନ ଓ ସହଜଯାନର ସିଦ୍ଧାଚାର୍ଯ୍ୟଗଣ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାକୁ ଲଲନା, ରସନା ଓ ଅବଧୂତୀ ବୋଲି କହିଛନ୍ତି। ଆଶ୍ଚର୍ଯ୍ୟ ଚର୍ଯାଚୟରେ ଲଲନା ଓ ରସନା ପରିବର୍ତ୍ତେ ଚନ୍ଦ୍ର ଓ ସୂର୍ଯ୍ୟର ଉଲ୍ଲେଖ ରହିଛି। ଶିବ ସଂହିତାରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନାକୁ ଗଙ୍ଗା, ଯମୁନା ଓ ସରସ୍ୱତୀ ଭାବରେ ନାମିତ କରାଯାଇ ବ୍ରହ୍ମରନ୍ଧ୍ରର ମୁହଁରେ ଏହାର ମିଳନକୁ ତ୍ରିବେଣୀ ସଂଗମ କୁହାଯାଇଛି। ନିଃଶ୍ୱାସ- ପ୍ରଶ୍ୱାସ ସର୍ବଦା ଗମନ କରୁଥିବାରୁ ଏହାକୁ ହଂସ(ଗମନାର୍ଥକ ହୁନ ଧାତୁରୁ ନିଷ୍ପନ୍ନ) ବୋଲି ରାଧାମୃତ ଗୀତାରେ କୁହାଯାଇଛି। ସିଦ୍ଧ ଯୋଗୀଙ୍କ ମତରେ ପ୍ରଶ୍ୱାସ ନେବା ହେଉଛି 'ହଂ'(ଓହଂ) ଓ ନିଃଶ୍ୱାସ ଛାଡିବା ହେଉଛି 'ସ'(ସୋହଂ)। ତେଣୁ ହଂସର ତାତ୍ତ୍ୱିକ ବ୍ୟାଖ୍ୟା ହେଉଛି ମଣିଷର ଶ୍ୱାସକ୍ରିୟା ବା ଶରୀରରେ ପବନ ଚାଳନା। ଯୋଗସାଧନାର ମୂଳ କାର୍ଯ୍ୟ ହେଲା ପ୍ରାଣବାୟୁକୁ ସୁଷୁମ୍ନା ନାଡି ମଧ୍ୟ ଦେଇ ପ୍ରବାହିତ କରିବା। ଏହି ସାଧନାକୁ ତନ୍ତ୍ରସାହିତ୍ୟରେ ହଠଯୋଗ କୁହନ୍ତି।

ପ୍ରାଣଶକ୍ତିର ଅନ୍ୟନାମ ମହାକୁଣ୍ଡଳିନୀ, ଯାହାକୁ ବୌଦ୍ଧଶାସ୍ତ୍ରରେ ମହାମୁଦ୍ରା କୁହନ୍ତି। ଏହା ମଣିଷଠାରେ ପ୍ରକାଶିତ ହେଲେ କୁଣ୍ଡଳିନୀ କୁହାଯାଇଥାଏ। ନିଶ୍ୱାସ ପ୍ରଶ୍ୱାସ ହେଉଛି ଜୀବ। ଜୀବ କୁଣ୍ଡଳିନୀ ଶକ୍ତି ଓ ପ୍ରାଣଶକ୍ତିକୁ ସାଙ୍ଗରେ ଧରି ମାତୃଗର୍ଭରେ ପ୍ରବେଶ କରେ। ପ୍ରତ୍ୟେକ ଜୀବ ତିନୋଟି ଅବସ୍ଥା ଭୋଗ କରେ। ଯଥା- ଜାଗ୍ରତ, ସୁଷୁପ୍ତି ଓ ସ୍ୱପ୍ନ। କୁଣ୍ଡଳିନୀ ହେଉଛି ଶରୀରର ୬ଟି ଚକ୍ରର ସମାହାର।

**ତ୍ରିକୋଣଚକ୍ର –** ପିଠିର ମେରୁଦଣ୍ଡ ସିଧାସଳଖ ଯାଇ ବାୟୁ (ମଳଦ୍ୱାର) ଓ ଉପସ୍ଥ (ଲିଙ୍ଗ)ର ମଧ୍ୟ ଭାଗ ପର୍ଯ୍ୟନ୍ତ ବ୍ୟାପିଛି।

**ଅଗ୍ନିଚକ୍ର –** ତ୍ରିକୋଣଚକ୍ରରେ ସ୍ୱୟମ୍ଭୁ ଲିଙ୍ଗ ରହିଛି। ଏହାକୁ ଅଗ୍ନିଚକ୍ର କୁହନ୍ତି। ସ୍ୱୟମ୍ଭୁ ଲିଙ୍ଗକୁ ବୃାକାରରେ ଆବୃତ କରିଥିବା ସାଢେତିନି ବଳୟ ସର୍ପିଣୀ ଆକୃତିର କୁଣ୍ଡଳିନୀ ରହିଛି। ଏହିଠାରୁ ଷଡରିପୁର ଜନ୍ମ।

**ମୂଳାଧାରଚକ୍ର** – ଗୁହ୍ୟରେ ଥିବା ଚାରିଦଳ କମଳକୁ ମୂଳାଧାର ଚକ୍ର କୁହନ୍ତି । ଏଥିରେ ବ,ଶ, ଷ ଓ ସ ହେଉଛନ୍ତି ୪ଟି ଅକ୍ଷର । ଏହି ୪ପାଖୁଡା ପଦ୍ମରୁ ୮୦ଟି ନାଡି ବାହାରି ଉଭୟ ପାଖରେ ୪୦ଟି ଲେଖାଏଁ ରହିଛନ୍ତି । ଡାହାଣ ପାଖରେ ସହଜ, ସଘୋଷ ଓ ବାମ ପାଖରେ ବିଜ୍ଞାନ, ସୁରସ ପବନ ପ୍ରବାହିତ । ମୂଳ କମଳରେ କୁଣ୍ଡଳିନୀ ଅବସ୍ଥାନ କରୁଛି ।

**ସ୍ୱାଧିଷ୍ଠାନ ଚକ୍ର** - ନାଭି ନିକଟରେ ଛଅଦଳ କମଳ ରହିଛି । ଏହାକୁ ସ୍ୱାଧିଷ୍ଠାନ ଚକ୍ର କୁହନ୍ତି । ବଜ୍ରଯାନରେ ଏହାକୁ ବଜ୍ରଗାର କୁହନ୍ତି ।

**ନାଭିଚକ୍ର ବା ମଣିପୁରଚକ୍ର** – ହୃଦୟ ନିକଟରେ ୧୦ଦଳ କମଳ ରହିଛି । ଏହାକୁ ମଣିପୁର ଚକ୍ର କୁହନ୍ତି । ଏହିଠାରେ ଯୋଗୀ ବିଭିନ୍ନ ସିଦ୍ଧିଲାଭ କରିବାକୁ ସମର୍ଥ ହୋଇଥାଏ । ଏଠାରେ କୁଣ୍ଡଳିନୀ ଶକ୍ତିର ତେଜ କୋଟି ବାଳାର୍କ ତୁଲ୍ୟ ପ୍ରତିଭାତ ହୋଇଥାଏ ।

**ଅନାହତଚକ୍ର** - ହୃଦୟଚକ୍ରରେ ଥିବା ୧୨ଦଳର କମଳକୁ ଅନାହତଚକ୍ର କୁହନ୍ତି ।

**ବିଶୁଦ୍ଧଚକ୍ର** - କଣ୍ଠ ନିକଟରେ ଥିବା ୧୬ଦଳ କମଳକୁ ବିଶୁଦ୍ଧାଖ୍ୟ ବା ବିଶୁଦ୍ଧଚକ୍ର କୁହନ୍ତି । ଏହା ଉପରେ ଲଲାଟ ମଝିରେ ଥିବା ୨ଦଳ କମଳକୁ ଆଜ୍ଞାଚକ୍ର କୁହନ୍ତି ।

**ସହସ୍ରାର ଚକ୍ର** - ଲଲାଟ ଉପରେ ଥିବା ମସ୍ତିଷ୍କ ଭିତରେ ସହସ୍ରଦଳର କମଳ ଥିବାରୁ ଏହାକୁ ସହସ୍ରାର ଚକ୍ର ବା ସହସ୍ରଦଳ କମଳ କୁହାଯାଏ ।

ବଜ୍ରଯାନ ଓ ସହଜଯାନରେ ସହସ୍ରଦଳ କମଳକୁ ୬୪ଦଳ ବା ଉଷ୍ଣୀଷ କମଳ କୁହନ୍ତି ।

ଏହି ଚକ୍ରକୁ ଶୂନ୍ୟଚକ୍ର, କୈଳାସ, ଜାଳନ୍ଧରୀଚକ୍ର ମଧ୍ୟ କୁହାଯାଏ । କମଳ ହେଉଛି ପରମାତ୍ମା ବ୍ରହ୍ମ ବା ଶୂନ୍ୟବ୍ରହ୍ମର ଆଶ୍ରୟସ୍ଥଳ । ଛଅଚକ୍ରର ଦଳ ଅନୁସାରେ ୪୯ବାୟୁ ଓ ୪୯ଅକ୍ଷରର ପରିକଳ୍ପନା କରାଯାଇଛି ।

ଏହି ଛଅ ଚକ୍ରରେ ଚନ୍ଦ୍ରଙ୍କ ଷୋଳକଳା ନିରୂପିତ । ରାଧାମୃତ ଗୀତାରେ ଏହି ଷୋଳ କଳାକୁ ଷୋଳ ଡମ୍ବରୁ କୁହାଯାଇଛି । ଓଡିଶାର ସିଦ୍ଧସାଧକଗଣ ଶୂନ୍ୟକୁ ବ୍ରହ୍ମରୂପ ଓ ବ୍ରହ୍ମର ଅଧିଷ୍ଠାନ ବୋଲି ସୂଚୀତ କରିବା ସହିତ ଶୂନ୍ୟକୁ ମୁର୍ଦ୍ଧାପ୍ରଦେଶରେ ସ୍ଥାନିତ କରିଛନ୍ତି । ଶବ୍ଦରେ ଓଁ କାର ସେହି ଶୂନ୍ୟର ପ୍ରତୀକ । ସେହିପରି ହାତପାଦଶୂନ୍ୟ ଜଗନ୍ନାଥ ଶୂନ୍ୟର ପ୍ରତୀକ ବୋଲି ଶୂନ୍ୟ ସଂହିତାରେ କୁହାଯାଇଛି । ଓଁକାରର ଉପରେ ଥିବା ଅର୍ଦ୍ଧଚନ୍ଦ୍ରାକାରକୁ ଯୋନି ଓ ଏହା ମଧ୍ୟରେ ଥିବା ବିନ୍ଦୁକୁ ଲିଙ୍ଗ କୁହନ୍ତି ।

ପ୍ରାଚୀନ ଭାରତରେ ତତ୍ୱ ଥିଲା ପିଣ୍ଡ ହିଁ ବ୍ରହ୍ମାଣ୍ଡ । ଏଥିପାଇଁ ବ୍ୟକ୍ତିର ବିକାଶକୁ ଦୃଷ୍ଟିରେ ରଖି ଶରୀର ସାଧନାରେ ମାତିଥିଲେ । ଏମାନଙ୍କ ମତରେ ତେଜରୁ ମଣିଷର ଅସ୍ଥି, ମଜ୍ଜା ଓ ବାଣୀ, ଜଳରୁ ମୂତ୍ର, ରକ୍ତ ଓ ପ୍ରାଣ ତଥା ଅନ୍ନରୁ ମାଂସ ଓ ମନ ଉତ୍ପନ୍ନ ହୁଏ ।

ତେବେ ପିଣ୍ଡବ୍ରହ୍ମାଣ୍ଡର ଏକତ୍ୱ ଉପରେ ପୂର୍ବରୁ ଧ୍ୟାନ ଦିଆଯାଇ ନ ଥିବାବେଳେ ପ୍ରଥମ କରି ସହଜଯାନ ଏହା ଉପରେ ଧ୍ୟାନ ଦେଇ ସମଗ୍ର ବ୍ରହ୍ମାଣ୍ଡ ନିଜ ପିଣ୍ଡରେ ରହିଥିବା କଥା ବର୍ଣ୍ଣନା କଲେ।

ବଜ୍ରଯାନରେ ବିଭିନ୍ନ ଦେବଦେବୀ ଉପାସନା କଥା କୁହାଯାଇଥିବାବେଳେ ସହଜଯାନରେ ଏହା ନିଷିଦ୍ଧ ଥିଲା। ଏହା ମତରେ ଧର୍ମ କଷ୍ଟ ସାଧନା, ବ୍ରତଉପବାସ, ସ୍ନାନ ଶୌଚ ବିଧି ଅନାବଶ୍ୟକ।ଗ୍ରାମ୍ୟ ଧର୍ମ ତ୍ୟାଗ କରିବନି। ଦେହପୂଜା କରିବ। ଭଗବତୀ ପ୍ରଜ୍ଞା ସ୍ତ୍ରୀ ରୂପ ଧାରଣ କରିଥିବାରୁ କୌଣସି ସ୍ତ୍ରୀଜାତିକୁ ଘୃଣା କରିବନି। ସହଜଯାନ ପରି ଓଡିଶାରେ ତାନ୍ତ୍ରିକ ବୈଷ୍ଣବୀ ଓ ମହିମା ଧର୍ମ ଏହି ପିଣ୍ଡବ୍ରହ୍ମାଣ୍ଡର ଏକତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ।

ରାଣୀ ତ୍ରିଭୁବନ ମହାଦେବୀଙ୍କ ଢେଙ୍କାନାଳ ତାମ୍ରଶାସନରୁ ଜଣାଯାଏ, ଭୌମରାଜାଗଣ ବିହାର ଓ ଧର୍ମ ଅନୁଷ୍ଠାନ ନିର୍ମାଣପାଇଁ ପ୍ରଚୁର ଅର୍ଥ ବ୍ୟୟ କରୁଥିଲେ। ଏହି ସମୟରେ ନିର୍ମିତ ପୁଷ୍ପଗିରିର ଚୈତ୍ୟ ଓ ସ୍ତୁପମାନ ଏପରି ବିଶାଳକାୟ ଥିଲା ଯେ ସାଧାରଣ ଜନତା ବ୍ୟତୀତ ସ୍ୱୟଂ ହୁଏନ୍‌ସାଂ ମଧ୍ୟ ଏହି ସ୍ତୁପକୁ ଯକ୍ଷ କିମ୍ବା ଦାନବଦ୍ୱାରା ନିର୍ମିତ ହୋଇଥିବାର ବିଶ୍ୱାସ କରିଥିଲେ। ଅଷ୍ଟମ ଶତାବ୍ଦୀ ବେଳକୁ ଓଡ଼ିଶାର ବୌଦ୍ଧଧର୍ମରେ ତନ୍ତ୍ରର ପ୍ରଭାବ ଅନୁଭୂତ ହେଲା। ତନ୍ତ୍ରଯାନର ତିନି ଶାଖା– ବଜ୍ରଯାନ, କାଳଚକ୍ରଯାନ ଓ ସହଜଯାନ ଏହି ଓଡ଼ିଶାରେ ସୃଷ୍ଟି ଓ ବିକାଶ ଲାଭକରି ବିଶ୍ୱର ବିଭିନ୍ନ ଅଞ୍ଚଳକୁ ବ୍ୟାପିଥିଲା। ଏପରିକି ତିବ୍ବତର ରାଜା ଖ୍ରୀ-ସ-ଦି-ତ୍‌ସାନ ନିଜ ରାଜ୍ୟର କଳୁଷିତ ବନ୍‌ଧର୍ମରେ ସଂସ୍କାର ଆଣିବାପାଇଁ ନାଳନ୍ଦା ବିଶ୍ୱବିଦ୍ୟାଳୟର ପ୍ରଧାନଶିକ୍ଷକ ଥିବା ପୃଥିବୀ ପ୍ରସିଦ୍ଧ ବୌଦ୍ଧ ପଣ୍ଡିତ ତଥା ଦାର୍ଶନିକ ଶାନ୍ତରକ୍ଷିତଙ୍କ ପରାମର୍ଶ କ୍ରମେ ନିଜ ଭିଣେଇ ତଥା ଇନ୍ଦ୍ରଭୂତିଙ୍କ ପାଳିତପୁତ୍ର ପଦ୍ମସମ୍ଭବ ଓ ଭଉଣୀ ମନ୍ଦାରବାଙ୍କୁ ନିମନ୍ତ୍ରଣ କରିବାକୁ ପରାମର୍ଶ ଦେଇଥିଲେ। ଉଭୟ ଦମ୍ପତି ତିବ୍ବତ ଆସି ତାନ୍ତ୍ରିକ ବନ୍ ଧର୍ମାବଲମ୍ବୀଙ୍କୁ ବଶୀଭୂତ କରିବାସହ ସହଜଯାନ ଓ ବନ୍‌ଧର୍ମର ସମନ୍ୱୟରେ ଲାମାଧର୍ମ ସ୍ଥାପନ କଲେ। ତିବ୍ବତରେ ଆଜି ଯେଉଁ ବିଶ୍ୱବିଖ୍ୟାତ ଲାମାଧର୍ମ ଏପର୍ଯ୍ୟନ୍ତ ବଞ୍ଚି ତିବ୍ବତବାସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି ଓ ଏହାର ଧାର୍ମିକ ଗୁରୁ ଭାବେ ଦଲାଇଲାମାଙ୍କୁ ସ୍ୱୀକାର କରାଯାଇଛି, ତାହାରି ମୂଳରେ ରହିଛି ଏହି ସହଜଯାନର ପ୍ରଭାବ। ନେପାଳ ରାଜ ଦରବାରରୁ ଆବିଷ୍କୃତ ଏହି ପାଟି ତାଳପତ୍ର ପୋଥିଗୁଚ୍ଛରୁ ହିଁ ତତ୍କାଳୀନ ଓଡିଶାର ଧାର୍ମିକ ପରମ୍ପରା ଉପରେ ସ୍ପଷ୍ଟ ଚିତ୍ର ପ୍ରଦର୍ଶନ କରୁଛି।

## ୪.୩.୪ ନାଥ ବା ଶୈବ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କ ଭଳି ନାଥ ସମ୍ପ୍ରଦାୟରେ ଚୌରାଶୀ ଗୁରୁ ପରମ୍ପରା ରହିଛି। ନାଥ ସମ୍ପ୍ରଦାୟର ଯୋଗତତ୍ତ୍ୱ ମୂଳକ ଗ୍ରନ୍ଥ "ହଠଯୋଗ ପ୍ରଦୀପିକା"ରେ ଅନେକ ନାଥ ସିଦ୍ଧାଚାର୍ଯ୍ୟଙ୍କ ନାମ ଉଲ୍ଲେଖ ରହିଛି। ଗୋରେଖ ସଂହିତାରେ ୮୪ ସିଦ୍ଧଙ୍କ ନାମ ତାଲିକା ସହିତ ନାଥ ଧର୍ମର ପ୍ରଥମ ଓ ପ୍ରଧାନ ପ୍ରର୍ବକ ଭାବରେ ନବନାଥଙ୍କ ନାମୋଲ୍ଲେଖ ରହିଛି। ଏପରିକି ବହୁ ନାଥଗୁରୁଙ୍କ ନାମ ବୌଦ୍ଧ ଧର୍ମର ୮୪ଗୁରୁ ତାଲିକାରେ ରହିଛି। ଏସବୁ ଦୃଷ୍ଟିରୁ ବିଚାର କଲେ ବୌଦ୍ଧ ପରବର୍ତ୍ତୀ ବା ବିକଶିତ ଧର୍ମ ଭାବରେ ନାଥ ଧର୍ମର ଉତ୍ପତ୍ତି।

ନେପାଳରେ ମଛିନ୍ଦ୍ରିନାଥଙ୍କୁ ଅବଲୋକିତେଶ୍ୱର ଭାବରେ ପୂଜା କରିବା, ନାଥ ସିଦ୍ଧାଚାର୍ଯ୍ୟଙ୍କ ତାଲିକାରେ କାହ୍ନୁପା, ଶବରୀପା, ମୀନନାଥ, ତନ୍ତିପା, ବିରୂପା, ବିରୂପାକ୍ଷ ଆଦି ବୌଦ୍ଧ ସିଦ୍ଧାଚାର୍ଯ୍ୟଙ୍କ ନାମ ଥିବାରୁ ଏମାନେ ଉଭୟ ବୌଦ୍ଧ ଓ ନାଥ ସିଦ୍ଧାଚାର୍ଯ୍ୟ ଭାବରେ ପରିଚିତ । ବୌଦ୍ଧ ତାନ୍ତ୍ରିକ ସାଧନାର ମୂଳ ଉତ୍ସ ବଜ୍ରସତ୍ତ୍ୱ ଥିବାବେଳେ ଆଦିନାଥ ବା ଶିବ ହେଉଛନ୍ତି ନାଥମାନଙ୍କ ମୂଳ ଉତ୍ସ ।

ନାଥ ଧର୍ମରେ ଶିବ ହେଉଛନ୍ତି ସେମାନଙ୍କ ଇଷ୍ଟ ଦେବ ଏବଂ ଗୋରଖନାଥଙ୍କ ସମେତ ନବନାଥ ବା ନଅ ଜଣ ଗୁରୁ - ଆଦିନାଥ, ଉଦୟନାଥ, ସତ୍ୟନାଥ, ସନ୍ତୋଷନାଥ, କନ୍ଥଡନାଥ, ମଛିନ୍ଦ୍ରିନାଥ, ଚୌରାଙ୍ଗୀନାଥ, ଅଚମ୍ଭରନାଥ ଓ ଗୋରେଖନାଥ ହେଉଛନ୍ତି ଏହି ଧର୍ମର ମୁଖ୍ୟ ପ୍ରର୍ବକ । କୌଳମାର୍ଗର ପ୍ରବର୍ତ୍ତକ ଭାବରେ ନାଥଗୁରୁ ମଛିନ୍ଦ୍ରିନାଥ ପରିଚିତ ତଥା ସେ ଏଥିପାଇଁ 'କୌଳଜ୍ଞାନ ନିର୍ଣ୍ଣୟ' ନାମକ ଗ୍ରନ୍ଥ ରଚନା କରିଥିଲେ । କୁଳ ଶବ୍ଦର ଅର୍ଥ ଶକ୍ତି ଓ ଅକୁଳ ଶବ୍ଦର ଅର୍ଥ ହେଉଛି ଶିବ । କୁଳ ଓ ଅକୁଳର ସଂଯୋଗରେ ଶିବଶକ୍ତିର ମିଳନଦ୍ୱାରା ସମରସ ସୃଷ୍ଟି କରିବା କୌଳ ସାଧନାର ମୂଳ ଲକ୍ଷ୍ୟ । ଅକୁଳ ବୀରତନ୍ତ୍ର ଗ୍ରନ୍ଥରେ 'କୃତକ' ଓ 'ସହଜ' ନାମକ ୨ ପ୍ରକାର କୌଳ ମାର୍ଗ ବିଷୟରେ ବର୍ଣ୍ଣିତ । ଅର୍ଥାତ ବୌଦ୍ଧ ଓ ନାଥ ସାଧକଗଣ ସହଜ ସାଧନା କରୁଥିବାରୁ ଉଭୟ ଧର୍ମରେ କିଛି ମାତ୍ରାରେ ସମନ୍ୱୟ ରହିଥିବାର ଅନୁମିତ ହୁଏ । ବିଶେଷକରି ବୌଦ୍ଧ ସହଜଯାନୀଙ୍କ ଶୂନ୍ୟ ଓ ସହଜ ନାଥ ଧର୍ମରେ ସ୍ପଷ୍ଟ ଦୃଷ୍ଟିଗୋଚର ହୁଏ । ତିଲ୍ଲୋପାଙ୍କ ମତରେ "ଏହି ସହଜ ବେଦାନ୍ତ ଓ ଉପନିଷଦର ବ୍ରହ୍ମ, ବୌଦ୍ଧ ଧର୍ମର ନିର୍ବାଣଧାତୁ, ଅଶ୍ୱଘୋଷଙ୍କର ତଥା ନାଗାର୍ଜୁନଙ୍କ ଶୂନ୍ୟ, ବିଜ୍ଞାନବାଦୀଙ୍କ ଅଭୂଦ ପରିକଳ୍ପ, ବଜ୍ରଜାନୀମାନଙ୍କ ବଜ୍ରସ୍ୱ ବା ବଜ୍ରଧାତୁ । ଏହା ଶୂନ୍ୟତା ଓ କରୁଣାର ସମନ୍ୱୟର ବୋଧିଚିତ୍ତ ବା ମହାସୁଖ ନାମରେ ଅବିହିତ । ସହଜାବସ୍ଥା ପୁଣି ଅଦ୍ୱୈତାବସ୍ଥା, ଏହି ଅବସ୍ଥାରେ ସମସ୍ତ ଶୂନ୍ୟରେ ପରିଣତ ହୁଏ, ସେଠାରେ ପାପ ପୂଣ୍ୟ ସବୁ ସମାନ ଓ ତାହା ଆକାଶ ପରି ଶୂନ୍ୟ ନିର୍ମଳ ଓ ପ୍ରଶାନ୍ତ ।" ସିସୁବେଦରେ ସହଜର ବ୍ୟାଖ୍ୟା କରାଯାଇ କୁହାଯାଇଛି- "ମନବେଗ ଯେସନଂ । ମାଛ ଯେ ସେ ପବନଂ । ନୀର ଯେସନେକ ବିନ୍ଦୁଂ । ମନ ପବନକୁ ଲୟେଇଲେ । ବଗ ମାଛ ନୀର ତିନିହେଂ ବିବର୍ଜିତ ହୋନ୍ତିଂ । ଯେହାକୁ ସହଜ ଯୋଗ ସମାଧେ ବୋଲି ।" ସେହିପରି ସହଜ ସମାଧିର ବ୍ୟାଖ୍ୟା କରି ସିସୁବେଦରେ କୁହାଯାଇଛି ଡାହାଣ ବ୍ରତେକ ଯେ ଦକ୍ଷିଣ ପିଅଳା ନାଡୀ ଉର୍ଦ୍ଧ୍ୱମୁଖ ହୋଇଲେ ଆପଚନ୍ଦ୍ର ଝରଇ । ଆକାଶରୁ ଅମୃତ ଝରଇଂ । ଅମନା ପବନରେ ଚିତ୍ତ ରହଇ, ଅବାକୀ । କାମ ମଣ୍ଡଳେ କଳୁଂ ରହଇ । ଗୁଞ୍ଜଂର ଦୃଷ୍ଟି ନ ଖସଇ, ମନ ହସ୍ତିଶାଳରୁ ବାହାର ନୁହଁଇ, ନ ଖସଇ ଯେତିକି ଯାଇ ଯେହାକୁ ସହଯ ସମାଧି ବୋଲି, (ସିସୁବେଦ, ପୃ-୪୬) ।

ଚର୍ଯ୍ୟାକବିଙ୍କ କବିତାରେ କାୟା ବା ଶରୀର ସାଧନା ଓ ଶରୀର ମଧ୍ୟରେ ବ୍ରହ୍ମାଣ୍ଡର ବର୍ଣ୍ଣନା ବହୁଳ ଭାବରେ ଦିଆଯାଇଛି । ନାଥ ସଂପ୍ରଦାୟର ପ୍ରସିଦ୍ଧଗ୍ରନ୍ତ ସିଦ୍ଧସିଦ୍ଧାନ୍ତ ସଂଗ୍ରହରେ ଉଲ୍ଲେଖ ଅଛି ଯେ ବ୍ରହ୍ମାଣ୍ଡରେ ଯାହା କିଛି ଅଛି ତାହା ପିଣ୍ଡ ବା ଶରୀରରେ ବିଦ୍ୟମାନ । ଯଥା -

***ବ୍ରହ୍ମାଣ୍ଡବର୍ତ୍ତୀ ଯତକିତ ତତ ପିଣ୍ଡେହପ୍ୟସ୍ତି ସର୍ବଥା***
***ଇତି ନିଶ୍ଚୟ ଏବାତ୍ର ପିଣ୍ଡ ସଂବିରୁଚ୍ୟତେ ।***

ଗୋରଖବାଣୀରେ ମଧ୍ୟ କୁହାଯାଇଛି ପିଣ୍ଡ ଓ ବ୍ରହ୍ମାଣ୍ଡ ଏକ। ଘଟ ମଧ୍ୟରେ ଅଡ଼ଷଠି ତୀର୍ଥ ରହିଛନ୍ତି, କିନ୍ତୁ ମଣିଷ ତୀର୍ଥାଟନପାଇଁ ଏଣେତେଣେ ବୁଲୁଛି।

ନାଥ ଧର୍ମର ଏକ ବହୁ ପ୍ରଚଳିତ ଶବ୍ଦ ହେଉଛି ଅଜପା। ସାଧକ ଦିନ ମଧ୍ୟରେ ଗତି କରୁଥିବା ୨୧୬୦୦ ଶ୍ୱାସପ୍ରଶ୍ୱାସକୁ ଅଜପାଜପ ବୋଲି କହିଥାନ୍ତି। ପୂର୍ବରୁ କୁହାଯାଇଛି ନିଶ୍ୱାସପ୍ରଶ୍ୱାସକୁ ହଂସ ଓ ଏହାର ନିୟନ୍ତ୍ରଣପାଇଁ ମହାମନ୍ତ୍ରର ଜପାକୁ ଅଜପା ବୋଲି କୁହାଯାଏ। ଗୋରେଖନାଥ 'ହଂ' କୁ ବ୍ରହ୍ମ ଓ 'ସ' କୁ ଶିବ ବୋଲି କହିଛନ୍ତି। ଏହି ଅଜପା ଅଜପା ଗାୟତ୍ରୀ ଭାବରେ କଥିତ।

ଗୋରେଖନାଥୀଗଣ ଶୈବ ହେଲେ ମଧ୍ୟ ହଠଯୋଗ ସାଧନା ସହିତ ଶ୍ରୀଚକ୍ର, ଚକ୍ରପୂଜା ଓ ବାମାଚାର ପଦ୍ଧତି ଅନୁସରଣ କରିଥାନ୍ତି। ନେପାଳରେ ପଶୁପତି ଶିବ ଓ ଶମ୍ଭୁନାଥଙ୍କୁ ପଶୁବଳି ଦିଆଯାଏ। ପୁରୀର ସତ୍ୟନାଥୀ ମଠରେ ଏକପାଦୀ ଭୈରବ ପୂଜାପାଇଛନ୍ତି। ନାଥଯୋଗୀ ଉଭୟ ବାମାଚାରୀ ଓ ଦକ୍ଷିଣାଚାରୀ ଅଟନ୍ତି। କୁଳାର୍ଣ୍ଣ ତନ୍ତ୍ରରେ ବେଦାଚାର, ବୈଷ୍ଣବାଚାର, ଶୈବାଚାର, ଦକ୍ଷିଣାଚାର, ବାମାଚାର, ସିଦ୍ଧାନ୍ତଚାର ଓ କୌଳାଚାର ନାମକ ୭ଟି ଆଚାରର ଉଲ୍ଲେଖ ରହିଛି। ବିଶ୍ୱାସତନ୍ତ୍ରରେ ବାମାଚାର ଓ ଦକ୍ଷିଣାଚାର ନାମକ ୨ଟି ଆଚାରର ଉଲ୍ଲେଖ ରହିଛି। ବାମାଚାରୀଗଣ ପଞ୍ଚ "ମ" କାର – **ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ଓ ମୈଥୁନ** ଉପାସନା କରିଥାନ୍ତି। କୁଳାର୍ଣ୍ଣବ ଗ୍ରନ୍ଥରେ ଏହି ପଞ୍ଚମକାରର ଆଧ୍ୟାତ୍ମିକ ବ୍ୟାଖ୍ୟା କରାଯାଇ କୁହାଯାଇଛି- ସହସ୍ରାର ପଦ୍ମରୁ ନିଃସୃତ ଅମୃତ ହେଉଛି **'ମଦ୍ୟ'**। ସାଧକ ପୂଣ୍ୟ ଓ ପାପ ରୂପୀ ପଶୁକୁ ହତ୍ୟାକରି ଚିତ୍ତବ୍ରହ୍ମରେ ଲୀନ କରନ୍ତି, ତାହା ହିଁ **'ମାଂସାହାର'**। ଶରୀର ମଧ୍ୟରେ ଥିବା ଗଙ୍ଗାଯମୁନା ବା ଇଡାପିଙ୍ଗଳା ହେଉଛନ୍ତି ଦୁଇ **'ମତ୍ସ୍ୟ'**। ସାଧକ ପ୍ରାଣାୟମଦ୍ୱାରା ସୁଷୁମ୍ନା ନାଡିରେ ପ୍ରାଣବାୟୁ ପରିଚାଳିତ କରିବା ହେଉଛି ମତ୍ସ୍ୟ ଭକ୍ଷଣ। ଅସତ ସଙ୍ଗ ଛାଡି ସତ ସଙ୍ଗ କରିବା ହେଉଛି **'ମୁଦ୍ରା'**। ସୁଷୁମ୍ନା ଓ ପ୍ରାଣର ସମାଗମକୁ ତାନ୍ତ୍ରିକ ଭାଷାରେ **'ମୈଥୁନ'** କୁହାଯାଏ। ବାମାଚାରୀଗଣ ଏହି ତାନ୍ତ୍ରିକ ଆଚାର ବ୍ୟବହାର ଗ୍ରହଣ କରିଥାନ୍ତି। ଗୋରେଖନାଥଙ୍କ ପୂର୍ବରୁ ପାଶୁପାତ, କାଳମୁଖ ଓ କାପାଳିକମାନେ ବାମାଚାରୀଥିଲେ। କାନଫଟା ନାଥଯୋଗୀଗଣ ଗୁପ୍ତରେ ଶ୍ରୀଚକ୍ର ଓ ଭୈରବୀ ଚକ୍ର ପୂଜା କରୁଥିବାରୁ ପଞ୍ଚମକାର ଉପାସନା ଏମାନଙ୍କର ମୁଖ୍ୟ ମାର୍ଗ ଥିଲା। ଯୋଗୀମାନେ ବାମାଚାରୀ ଓ ତନ୍ତ୍ରସାଧନାରେ କିପରି ସିଦ୍ଧହସ୍ତ ଥିଲେ, ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଓଡିଆକାବ୍ୟ ରୁଦ୍ରସୁଧାନିଧିର 'କାମାନ୍ଦକ' ଯୋଗୀ ବର୍ଣ୍ଣନା ପ୍ରସଙ୍ଗରେ ଦେଖିବାକୁ ମିଳେ। ବୌଦ୍ଧ ତାନ୍ତ୍ରିକ ଓ କୌଳମାନଙ୍କ ମଧ୍ୟରେ ପଞ୍ଚକୁଳ ଉଲ୍ଲେଖ ରହିଛି। ଯଥା- ନର୍ତ୍ତକୀ, ରାଜକୀ, ଡୋମ୍ବୀ, ଚାଣ୍ଡାଳୀ ଓ ବ୍ରାହ୍ମଣୀ। ଉଭୟ ବୌଦ୍ଧ ଓ ନାଥ ସାହିତ୍ୟରେ ଏମାନଙ୍କୁ ଶରୀର ଭେଦ ବର୍ଣ୍ଣନାରେ ସାଂକେତିକ ଅର୍ଥରେ ବାରମ୍ବାର ପ୍ରୟୋଗ କରାଯାଇଛି। ତେବେ ଶରୀର ସାଧନାର ଏହି ପଞ୍ଚକର୍ମ ପରବର୍ତ୍ତୀ ସମୟରେ ଉପଯୁକ୍ତ ବ୍ୟାଖ୍ୟା ନ ଘଟିବାରୁ ଉଭୟ ବୌଦ୍ଧ ସହଜଯାନ, ତନ୍ତ୍ରଯାନ ବା କାଳଚକ୍ରଯାନ ଓ ନାଥଧର୍ମରେ ପଞ୍ଚ"ମ"କାର ଯୌନବିଭତ୍ସତାର ରୂପ ନେଇ କଳୁଷିତ ଧର୍ମଚର୍ଚ୍ଚାର ପରିଚୟ ସୃଷ୍ଟି କରିଥିଲା।

## ୪.୩.୫ ସାରଳା ବା ଶାକ୍ତ ସାହିତ୍ୟର ଧାର୍ମିକ ପୃଷ୍ଠଭୂମି

ପରମ ଦେବୀଭକ୍ତ ସାରଳା ଦାସଙ୍କୁ କୌଣସି ପ୍ରକାର ଧର୍ମଗତ ସଂକୀର୍ଣ୍ଣତା ସ୍ପର୍ଶ କରି ନ ଥିଲା । ଶାକ୍ତ ହୋଇ ମଧ୍ୟ ସାରଳାଙ୍କ ନାମ ତୁଳସୀମାଳା ହୋଇ ତାଙ୍କର କଣ୍ଠ ମଣ୍ଡନ କରୁ ଓ ତୁଳସୀର ବଲ୍ଲଭ ଶ୍ରୀହରି ତାଙ୍କୁ ମୁକ୍ତି ପ୍ରଦାନ କରନ୍ତୁ ବୋଲି ସେ ବାରମ୍ବାର ପ୍ରାର୍ଥନା କରିଅଛନ୍ତି । ଧର୍ମାଚାରଣରେ ସାରଳା ଦାସ ସକଳ ପ୍ରକାର ସାଂପ୍ରଦାୟିକତାରୁ ଉର୍ଦ୍ଧ୍ୱରେ ଥିଲେ । ଶିବ, ଗଣେଶ, କାର୍ତ୍ତିକ, ଦୁର୍ଗା ଓ ପାର୍ବତୀ ଆଦି ଶୈବ ଓ ଶାକ୍ତ ଦେବତାମାନଙ୍କୁ ସେ ଯେପରି ଭକ୍ତି ପ୍ରଦର୍ଶନ କରିଛନ୍ତି, ରାମ, ପର୍ଶୁରାମ, ବଳରାମ, ବରାହ, ବାମନ, ଲକ୍ଷ୍ମୀ ଓ ସରସ୍ୱତୀ ଆଦି ବୈଷ୍ଣବ ଦେବତାମାନଙ୍କ ପ୍ରତି ତାଙ୍କର ଭକ୍ତିଭାବ ଥିଲା ଅନୁରୂପ ଭାବେ । ସେ ତାଙ୍କ ମହାଭାରତରେ ଯେଉଁସବୁ ଦେବତାମାନଙ୍କର ସ୍ତୁତିଗାନ କରିଛନ୍ତି ସେମାନଙ୍କ ମଧ୍ୟରେ ଜଗନ୍ନାଥ ପ୍ରଧାନ । ଜଗନ୍ନାଥଙ୍କର ମହିମା ଗାନରେ ତାଙ୍କର ଲେଖନୀ ଶତଜିହ୍ୱ ହୋଇଉଠିଛି । ସାରଳା ଦାସଙ୍କ ମତରେ କୃଷ୍ଣ ଓ ଜଗନ୍ନାଥ ଏକ, ପୁଣି ଅଭିନ୍ନ । କଳିଯୁଗରେ ପାପତାପ କ୍ଲିଷ୍ଟ ପଥଭ୍ରଷ୍ଟ ନରନାରୀମାନଙ୍କର ଉଦ୍ଧାର ନିମିତ୍ତ କୃଷ୍ଣ ଦାରୁବ୍ରହ୍ମ ରୂପେ ନୀଳଗିରିରେ ବିଜେ କରିଅଛନ୍ତି । ଏ ଜଗନ୍ନାଥ ପୁଣି ବୌଦ୍ଧରୂପ । ସେହି ଜଗନ୍ନାଥ ପୁଣି ଜାରାଶବର ଓ ତାର ପିତା ଅଜ ଶବରଦ୍ୱାରା ଅଗୁରୁ ବୃକ୍ଷ ରୂପରେ ରୋହିଣୀ କୁଣ୍ଡରେ ଆବିର୍ଭୂତ ହୋଇଥିଲା । ଏଠାରେ ବର୍ଣ୍ଣିତ ଚତୁର୍ଦ୍ଧାମୂର୍ତ୍ତି ସହିତ ବୌଦ୍ଧ ଧର୍ମର ତ୍ରିରତ୍ନ ଓ ଧର୍ମଚକ୍ର ତୁଳନୀୟ । ରାମ, କୃଷ୍ଣ ଓ ସୁଭଦ୍ରା ଏବଂ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଉପାଖ୍ୟାନକୁ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱ ସହିତ ଯୋଡ଼ି ଦିଆଯାଇଛି । ଏସବୁ କେବଳ ଇତିହାସ ଓ କିମ୍ବଦନ୍ତୀ ବିଷୟ । ତାତ୍ତ୍ୱିକ ଦୃଷ୍ଟିରୁ ଜଗନ୍ନାଥ ହେଉଛନ୍ତି ସାକ୍ଷାତ୍ ପରଂବ୍ରହ୍ମ । ବାହ୍ୟ ଧର୍ମାଚାର ଦୃଷ୍ଟିରୁ ସାରଳା ଦାସ ଶାକ୍ତ ହେଲେ ହେଁ ଦର୍ଶନ ଓ ତତ୍ତ୍ୱ ଦୃଷ୍ଟିରୁ ସେ ଥିଲେ ଖାଣ୍ଟି ଅଦ୍ୱୈତବାଦୀ । ଅଦ୍ୱୈତବାଦୀମାନେ ପରଂବ୍ରହ୍ମର ଦୁଇଗୋଟି ଲକ୍ଷଣ ସ୍ୱରୂପ ଲକ୍ଷଣ ଏବଂ ତଟସ୍ଥ ଲକ୍ଷଣ ସ୍ୱୀକାର କରନ୍ତି । ସ୍ୱରୂପ ଲକ୍ଷଣ ଅନୁଯାୟୀ ସେ ଅଜ, ଅରୂପ, ନିର୍ଗୁଣ, ନିରଞ୍ଜନ, ନିରାଲମ୍ବ, ଅଲେଖ ଓ ଅବାଙ୍ମାନସ ଗୋଚର । ଜ୍ଞାନ ରୂପରେ କେବଳ ତାଙ୍କର ପ୍ରକାଶ, କିନ୍ତୁ ତଟସ୍ଥ ଲକ୍ଷଣ ଦୃଷ୍ଟିରୁ ସେ ସାକାର, ସର୍ବଜ୍ଞ, ସକଳ ଗୁଣ ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟର ଆଧାର ଏବଂ ସୃଷ୍ଟି-ସ୍ଥିତି-ଲୟର କାରଣ । ସାରଳା ଦାସ ତାଙ୍କ ମହାଭାରତରେ ପରମବ୍ରହ୍ମର ଏହି ଉଭୟବିଧ ଲକ୍ଷଣର ବର୍ଣ୍ଣନା କରିଛନ୍ତି ।

ତେବେ ଉପରୋକ୍ତ ଆଲୋଚନାରୁ ସୁସ୍ପଷ୍ଟ ଯେ କବି ଧର୍ମଭାବନା କ୍ଷେତ୍ରରେ ଏକ ବଳିଷ୍ଠ ଓ ଉଦାର ଦୃଷ୍ଟିକୋଣ ପ୍ରକାଶ କରିଥିଲେ । ଧାର୍ମିକ ଭାବନା କ୍ଷେତ୍ରରେ ଏହି ଉଦାର ଦୃଷ୍ଟିକୋଣ ସାରଳାଙ୍କର ସଂସ୍କୃତି ସଚେତନତାର ଏକ ବଳିଷ୍ଠ ସଂକେତ ବୋଲି ମନେହେଲେ ମଧ୍ୟ ଉତ୍କଳୀୟ ସଂସ୍କୃତିର ଏହା ଏକ ପାରମ୍ପରିକ ବିଶେଷତ୍ୱ । ମନେହୁଏ ସାରଳା ଦାସ ଧର୍ମକ୍ଷେତ୍ରରେ ଏହି ଉଦାର ଧର୍ମଧାରାର ଜଣେ ପ୍ରଧାନ ପରିପୋଷଣକାରୀ ଓଡ଼ିଶାର ଲୋକଜୀବନରେ ଧାର୍ମିକ ଓ ସାମାଜିକ ଉଦାରତାର ଜଣେ ସମର୍ଥ ସଂସ୍କାରମୁକ୍ତ ପ୍ରତିନିଧି ରୂପେ ମହାକବି ସାରଳା ଦାସ ଓ ତାଙ୍କ ସାହିତ୍ୟ ଜାତିର ଜୀବନଧାରାରେ ଏକ ସୁଦୃଢ଼ ସେତୁ ରୂପେ ସ୍ମରଣୀୟ ହୋଇ ରହିଆସିଛି ।

ଓଡିଆ ସାହିତ୍ୟର ସୃଷ୍ଟି ଓ ସାହିତ୍ୟିକ ବିଭବ ସମ୍ପର୍କରେ ଏବେ ବି ବହୁ ତଥ୍ୟ ଲୋକଲୋଚନକୁ ଆସିନାହିଁ। ଓଡିଆ ସାହିତ୍ୟ ଆଲୋଚନାର ପ୍ରାରମ୍ଭିକ ଉଦ୍ୟମ ଆରମ୍ଭ ହୋଇଥିଲା ଉନବିଂଶ ଶତାବ୍ଦୀର ଶେଷ ଭାଗରେ, ଯେତେବେଳେ ଇଂରାଜୀ ଶିକ୍ଷା ବ୍ୟବସ୍ଥା ଅନୁରୂପ ନୂତନ ଶିକ୍ଷା ବ୍ୟବସ୍ଥା ଓଡିଶାରେ ପ୍ରଚଳନ ହେଲା। ଏହି ସମୟରେ ମୁଦ୍ରଣ ଯନ୍ତ୍ରର ବ୍ୟବହାର ଓଡିଆ ସାହିତ୍ୟ- ସର୍ଜନାକୁ ବିସ୍ତାରିତ କରିଥିବାବେଳେ ଅତୀତ ସାହିତ୍ୟକୁ ନୂତନ ଭାବରେ ଜୀବନ ଦାନ କଲା। ଯଦିଓ ଏହା ସେତେବେଳେ ବ୍ୟବସାୟିକ ଉଦ୍ଦେଶ୍ୟରେ କରାଯାଉଥିଲା, ମାତ୍ର ପରବର୍ତ୍ତୀ ସମୟରେ ପ୍ରାଚୀନ ସାହିତ୍ୟର ସ୍ଥିତି ଓ ପରିଚୟ ଖୋଜିବାକୁ ଯାଇ ନୂତନ ପଦ୍ଧତିରେ ଗବେଷଣା କାର୍ଯ୍ୟ ଆରମ୍ଭ ହେଲା। ପ୍ରାଚୀ ସମିତି ଏ ଦିଗରେ ପଥ ପ୍ରଦର୍ଶକ ଭାବରେ ଉଭା ହୋଇ ଓଡିଆ ସାହିତ୍ୟର ପ୍ରାଚୀନ ବିଭବକୁ ଲୋକଲୋଚନକୁ ଆଣିବାରେ ସହାୟକ ହେଲା। ତେବେ ଏହି ସମୟରେ ଶୁଦ୍ଧ ସଂଶୋଧନ ନାମରେ ତତ୍କାଳୀନ ସମୟଭାଷାକୁ ବଦଳାଇ ବର୍ତ୍ତମାନ ରୂପ ଦେବା ସହିତ ଅନେକ ଶବ୍ଦ ଓ ପଦକୁ ବଦଳାଇ ସଂସ୍କୃତ ରୂପ ପ୍ରଦାନ କରିବା ଫଳରେ ସାହିତ୍ୟର ମୌଳିକତା ନଷ୍ଟ ହେଲା। ସାରଳା, ପଞ୍ଚସଖା ଓ ରୀତି ସାହିତ୍ୟ ଏ କ୍ଷେତ୍ରରେ ଦୃଷ୍ଟାନ୍ତ ମାତ୍ର।

ଅଧୁନା ସାହିତ୍ୟ-ସମାଲୋଚନାର ଦୃଷ୍ଟିଭଙ୍ଗୀ ବଦଳିଛି। ସାହିତ୍ୟର ମୌଳିକ ଭିତ୍ତିପ୍ରମାଣପାଇଁ ପ୍ରାଦେଶିକ ସାହିତ୍ୟ ଓ ଭାଷାର ସହାୟତା ନେବା ଫଳରେ ସାହିତ୍ୟ ଓ ସାହିତ୍ୟିକର ପ୍ରକୃତ ପରିଚୟ ଚିହ୍ନଟ କରିବାରେ କୌଣସି ଅସୁବିଧା ହେଉନାହିଁ। ଅନ୍ୟ ପକ୍ଷରେ ଓଡିଶାରୁ ଏପର୍ଯ୍ୟନ୍ତ ଆବିଷ୍କୃତ ଭାରତର ସର୍ବାଧିକ ତାଳପତ୍ର ପୋଥି ପାଠ ହୋଇନାହିଁ। ସେତକ ହୋଇଗଲେ ଓଡିଆ ସାହିତ୍ୟର ପ୍ରାଚୀନ ବିଭବ ଓ ବୈଭବ ଲୋକଲୋଚନକୁ ଆସିବ ତଥା ଗୁମ୍ଫାଲେଖ ଓ ଶିଳାଲେଖ ଭଳି ଭାରତର ସର୍ବପ୍ରାଚୀନ ଓ ସର୍ବୋତ୍କୃଷ୍ଟ ସାହିତ୍ୟ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ।

## ୪.୪ ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ

୧. ଚର୍ଯ୍ୟାଗୀତିକାର ଧର୍ମ ଓ ଦର୍ଶନ କିପରି ପରବର୍ତ୍ତୀ ସାହିତ୍ୟରେ ଅନୁଭୂତ ହୁଏ, ତାହା ପ୍ରମାଣ କର।

୨. ଖାରବେଳଙ୍କ ଶିଳାଲେଖରେ ଉତ୍କଳୀୟ ଧର୍ମ ଓ ସଂସ୍କୃତିର ପରିଚୟ ମିଳେ - ଉକ୍ତିଟିର ସତ୍ୟତା ପ୍ରତିପାଦନ କର।

୩. ଧଉଳି ଓ ଜଉଗଡ଼ ଶିଳାଲେଖ ଅନୁଶାସନ ଅପେକ୍ଷା ମାନବଧର୍ମ ପ୍ରଚାରକୁ ଗୁରୁତ୍ୱ ଦେଇଥିଲା-ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର।

୪. ନାଥ ସାହିତ୍ୟ ହେଉଛି ତତ୍କାଳୀନ ଆତ୍ମିକ ଓଡିଶାର ଜୀବନ୍ତ ପ୍ରତିଛବି -ଆଲୋଚନା କର।

୫. ବୌଦ୍ଧ ତନ୍ତ୍ର ଓ ଯୋଗାଚାର ହେଉଛି ନାଥ ଧର୍ମର ଆଧ୍ୟାତ୍ମିକ ଉତ୍ତରଣର ମୂଳ କାରଣ - ପ୍ରମାଣ କର।

## ୪.୫ ସହାୟକ ଗ୍ରନ୍ଥସୂଚୀ


**ଓଡିଆ ପୁସ୍ତକ:**

- ଦାଶ, ସୂର୍ଯ୍ୟନାରାୟଣ, (୧୯୬୮), *ଓଡିଆ ସାହିତ୍ୟର ଇତିହାସ(ପ୍ରଥମ ଭାଗ),* ଗ୍ରନ୍ଥମନ୍ଦିର, କଟକ।
- ମହାନ୍ତି, ବଂଶୀଧର, (୧୯୫୬), *ଓଡିଶାରେ ବୌଦ୍ଧଧର୍ମ,* ଓଡିଶା ପବ୍ଲିସିଙ୍ଗ ହାଉସ, ବ୍ରହ୍ମପୁର, କଟକ।
- ମହାନ୍ତି, ବଂଶୀଧର, (୧୯୬୮), *ଓଡିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ* , ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ।
- ମହାପାତ୍ର, କେଦାରନାଥ (୧୯୪୧) ଖାରବେଳ, କଟକ ଷ୍ଟୁଡେ ଷ୍ଟୋର, କଟକ।
- ରାଜଗୁରୁ, ସତ୍ୟନାରାୟଣ, (୧୯୮୦),*ଓଡିଆ ଲିପିର କ୍ରମବିକାଶ,* ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର।
- ସାହୁ, ନବୀନ କୁମାର (୧୯୭୭), *ଓଡିଆ ଜାତିର ଇତିହାସ,* ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର।

**ସ୍ୱତନ୍ତ୍ର ପୁସ୍ତକ ସୂଚୀ:**

- ଅଭିଲେଖ ସାହିତ୍ୟ - ପୃଷ୍ଟି, ସୁବ୍ରତ କୁମାର, (୨୦୧୭), *ଓଡିଆ ଭାଷା ସାହିତ୍ୟ ପରିଚୟ(୩ୟ ସଂସ୍କରଣ),* ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି., ବାଦାମବାଡି, କଟକ।
- ଚର୍ଯା ସାହିତ୍ୟ - କର, କରୁଣାକର, (୧୯୬୯), *ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ,* ଓଡିଶା ସାହିତ୍ୟ ଏକାଡେମୀ।
- ନାଥ ସାହିତ୍ୟ - ମହାନ୍ତି ବଂଶୀଧର, (୧୯୬୮), *ଓଡିଶାର ନାଥ ସଂପ୍ରଦାୟ ଓ ନାଥ ସାହିତ୍ୟ* , ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ।

**English Books :-**

- Goyal, S.R. (1979). *Brâhmî- An Invention of the Early Mauryan Period,* Delhi: D.K. Publications.
- Grierson, G.A.(1903) *Linguistic Survey of India*, Vol-V, P-368-369.
- Jayaswal K.P. (1933), *The Vikramkhol Inscription:* Sambalpur District. *The Indian Antiquary*, Vol-LXII.
- Katre, S. M., (1945), *Prakrit languages and their contribution to Indian culture,* Bombay : Bharatiya Vidya Bhavan,
- Majumdar, R .C., (1966), *The struggle for empire*. Bombay : Bharatiya Vidya Bhavan

- Malley, L.S.S O., (1933)*Bihar and Orissa District Gazetteers* (Cuttack).
- Mishra, Binayak, (1934), *Orissa Under the Bhaumakar Kings,* The Viswamitra Press, Calcutta.
- Oldenburg, H., *Intro. to the Vinaya Pitaka*, Vol. I
- Panda, S. K. (1999), *Political And Cultural History Of Orissa*, University of Michigan
- Sahu, N. K. (1964), *History of Orissa,* Utkal University, Vani Vihar, Bhubaneswar.
- Sastri, K. A. N., (1955), *The Illustrated History of South India*, Oxford University Press, ISBN-0198063563,
- Senapati, Nilamani (1971), *Orissa District Gazetteers*, Kalahandi.
- Thappar, Romila. (2002). *Early India – From the Origins to AD 1300*. London: Penguin Books.
- Thapar, Romila (1997), *Asoka and the Decline of the Mauryas*, Oxford, ISBN: 9780198077244
- Watters, Thomas (1904), *On Yuan Chwang's Travels in India A.D. 629-645* Royal Asiatic Society London.


## <u>ନମୂନା ପ୍ରଶ୍ନାବଳୀ</u>

୧. ଓଡିଆ ଏକ ପ୍ରାଚୀନ ଓ ମୌଳିକ ଭାଷା- ପ୍ରାକସାରଳା ସାହିତ୍ୟ ସମ୍ଭାର ଭିତ୍ତିରେ ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର।

୨. ହାତୀଗୁମ୍ଫା ଶିଳାଲେଖକୁ ସାହିତ୍ୟ ଭାବରେ ଗ୍ରହଣ କରିବା ସମ୍ପର୍କରେ ନିଜସ୍ୱ ମତାମତ ପ୍ରଦାନ କର।

୩. ଖାରବେଳ ଶିଳାଲେଖର ପୃଷ୍ଠଭୂମି ତଥା ଏହାର ସମାଜିକ ଦୃଷ୍ଟିଭଙ୍ଗୀ ସଂପର୍କରେ ଆଲୋଚନା କର।

୪. ରାଜ ପୃଷ୍ଠପୋଷକତା ହିଁ ଓଡିଆ ଭାଷା ଓ ସାହିତ୍ୟକୁ ସର୍ବବ୍ୟାପୀ କରିଥିଲା- ଖାରବେଳଙ୍କ ଶିଳାଲେଖ ସାହିତ୍ୟ ଅବଲମ୍ବନରେ ବିଚାର କର।

୫. ଇତିହାସକୁ ଲୋକମୁଖର କରିବାରେ ସାହିତ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି – ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ ଅନୁସରଣରେ ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର।

୬. ହାତୀଗୁମ୍ଫା ଶିଳାଲେଖ ପ୍ରମାଣ କରେ ଖାରବେଳ ଜଣେ ସଂସ୍କୃତି ସମ୍ପନ୍ନ ଶାସକ - ଉକ୍ତିଟିର ସତ୍ୟତା ନିରୂପଣ କର।

୭. ଜାତୀୟତାବୋଧ ଓ ବିଚାରଶୀଳତା ହେଉଛି ଉତ୍କଳର ରାଜନୈତିକ ପରମ୍ପରାର ଆଦର୍ଶ - ପ୍ରମାଣ କର ?

୮. ଧାର୍ମିକ ସହନଶୀଳତା ଖାରବେଳଙ୍କୁ ଏକ ଅନନ୍ୟ ରାଜା ଭାବରେ ପ୍ରତିଷ୍ଠିତ କରାଇଛି - ଉକ୍ତିଟିର ସତ୍ୟତା ମୂଲ୍ୟାଙ୍କନ କର।

୯. ତାଳପତ୍ର ସାହିତ୍ୟରେ ସମାଜିକ ଦୃଷ୍ଟିଭଙ୍ଗୀ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କର।

୧୦. ଚର୍ଯ୍ୟା ସାହିତ୍ୟର ରାଜନୀତିକ ପୃଷ୍ଠଭୂମି।

୧୧. ଚର୍ଯ୍ୟାଗୀତିକାର ଧର୍ମ ଓ ଦର୍ଶନ କିପରି ପରବର୍ତ୍ତୀ ସାହିତ୍ୟରେ ଅନୁଭୂତ ହୁଏ, ତାହା ପ୍ରମାଣ କର।

୧୨. ସାରଳାଙ୍କ ପୂର୍ବରୁ ମଧ ଓଡିଶାରେ ଏକ ସମୃଦ୍ଧ ସାହିତ୍ୟ ଥିଲା-ଉକ୍ତିଟିର ସତ୍ୟତା ପ୍ରତିପାଦନ କର।

୧୩. ପ୍ରାକ୍‌ସାରଳା ସାହିତ୍ୟ ଭାବେ ଚର୍ଯ୍ୟାଗୀତିକାର ମୂଲ୍ୟାଙ୍କନ କର।

୧୪. ଓଡ଼ିଆ ସାହିତ୍ୟରେ ଚର୍ଯ୍ୟାଗୀତିକାର ଭୂମିକା ନିରୂପଣ କର।

୧୫. ଚର୍ଯ୍ୟାସାହିତ୍ୟରେ ସ୍ଥାନୀତ ଧର୍ମ ଓ ଦର୍ଶନ ତତ୍କାଳୀନ ସମାଜ ଜୀବନର ଜ୍ୱଳନ୍ତ ପ୍ରତିଛବି ବହନ କରିଛି, ଏ ସଂପର୍କରେ ଆଲୋଚନା କର।

୧୬. ସମକାଳୀନ ସମାଜ ଚିତ୍ର ଅଙ୍କନ ଥିଲା ଚର୍ଯ୍ୟାସାହିତ୍ୟର ମୁଖ୍ୟ ଆଭିମୁଖ୍ୟ, ଧର୍ମ ପ୍ରଚାର ଗୌଣ – କଥନଟିର ସତ୍ୟତା ପରୀକ୍ଷା କର।

୧୭. ନାଥ ସାହିତ୍ୟ ହେଉଛି ତତ୍କାଳୀନ ଆଧ୍ୟାତ୍ମିକ ଓଡିଶାର ଜୀବନ୍ତ ପ୍ରତିଛବି -ଆଲୋଚନା କର।

୧୮. ବୌଦ୍ଧ ତନ୍ତ୍ର ଓ ଯୋଗାଚାର ହେଉଛି ନାଥ ଧର୍ମର ଆଧ୍ୟାତ୍ମିକ ଉତ୍ତରଣର ମୂଳ କାରଣ - ପ୍ରମାଣ କର।

୧୯. ନାଥ ସାହିତ୍ୟର ତତ୍କାଳୀନ ସମାଜର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୃଷ୍ଠଭୂମି ସଂପର୍କରେ ଆଲୋକପାତ କର।

୨୦. ଶରୀରଭେଦ ବା ପିଣ୍ଡ ବ୍ରହ୍ମାଣ୍ଡତତ୍ତ୍ୱର ମୂଳ ଭିତ୍ତି ହେଉଛି ନାଥ ସାହିତ୍ୟ – ବ୍ୟାଖ୍ୟା କର।

୨୧. ସାହିତ୍ୟ କିପରି ଧର୍ମକୁ ଓ ଧାର୍ମିକ ଅନୁଶାସନକୁ ନିୟନ୍ତ୍ରଣ କରେ, ନାଥ ସାହିତ୍ୟ ଅବଲମ୍ବନରେ ଏହା ପ୍ରମାଣ କର।

୨୨.ଯୋଗାଚାର କିପରି ଯୌନାଚାରରେ ରୂପାନ୍ତରିତ ହୋଇଛି - ପଞ୍ଚ 'ମ' କାର ତତ୍ତ୍ୱ ଅବଲମ୍ବନରେ ଉକ୍ତିଟିର ଯଥାର୍ଥତା ପ୍ରତିପାଦନ କର।

୨୩.ସାମାଜିକ ପ୍ରଭାବ ବଳରେ ନାଥଧର୍ମକୁ ଲୋକଧର୍ମରେ ପରିଣତ କରାଯାଇଥିଲା - ଉକ୍ତିଟିର ସତ୍ୟତା ମୂଲ୍ୟାଙ୍କନ କର।

୨୪.ପ୍ରାକ୍‌ସାରଳା ସାହିତ୍ୟ ଭାବରେ ନାଥ ପନ୍ଥୀଙ୍କ କୃତିରେ ତତ୍କାଳୀନ ସମାଜର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କର।

୨୫. ପ୍ରାକ୍‌ସାରଳା ସାହିତ୍ୟ ହିଁ ସାରଳାଙ୍କ ସାହିତ୍ୟିକ କୃତିର ମୂଳପିଣ୍ଡ – ସତ୍ୟତା ନିରୁପଣ କର।

■■■